## ସଂକ୍ଷେପରେ

### ସହିରା ନୋଡାଲ ସ୍କୁଲକୁ ପ୍ରକୃତି ମିତ୍ର ପୁରସ୍କାର




ଆଳି,୮।୬(ଡି.ଏନ୍.ଏ.): ବିଶ୍ୱ ପରିବେଶ ଦିବସ ଅବସରରେ କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ସହିରା ପଞ୍ଚାୟତ ଅଧୀନ ସହିରା ନୋଡାଲ ଉ.ପ୍ରା. ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି । ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଉତ୍ସବରେ ସହିରା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ଧଳ ଜଙ୍ଗଲ ବିଭାଗ ସଚିବ ମୋନା ଶର୍ମାଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ଏଥିସହିତ ବିଦ୍ୟାଳୟର ଉନ୍ନତି ନିମନ୍ତେ ତାଙ୍କୁ ୨୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ବିଦ୍ୟାଳୟ ପରିଚାଳନା କମିଟି, ପୁରାତନ ଛାତ୍ରୀଛାତ୍ରମାନେ ପ୍ରଧାନ ଶିକ୍ଷୟିତ୍ରୀ ଓ ସମସ୍ତ ଶିକ୍ଷାକର୍ମୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ତଣ୍ଡା ସୁରକ୍ଷା ପାଇଁ ଅଗରନାସୀରେ ହେଉ ପଥରବନ୍ଧ

- ସୁନେଇ ରୂପେଇ ଜଙ୍ଗଲ ଉପରେ ସମୁଦ୍ରର ଆଖି
- ଇତିହାସ ପାଲଟିଯାଉଛି ପୁରୁଣା ପଞ୍ଚୁବରାହୀ ମନ୍ଦିର
- ସାତଭାୟାର ଚାଷଜମିକୁ ହେନ୍ତାଳ ବଣ କରାଯାଉ

କେନ୍ଦ୍ରାପଡ଼ା ଅଫିସ, ୮।୬

ମେ ୩୦ରେ ସାବିତ୍ରୀ ଅମାବାସ୍ୟା ଥିଲା। ଏହି ତିଥିରେ ସମୁଦ୍ର କୂଳ ଲଂଘି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ତଣ୍ଡା ଅଞ୍ଚଳରେ ପାଣି ପଶି ଯାଇଥିଲା। ତଟକ୍ଷୟର ଏହି ପରିସ୍ଥିତି ତଟାଞ୍ଚଳବାସୀଙ୍କ ମନରେ ଭୟ ଆଣିଛି। ବଙ୍ଗୋପସାଗରର ୪୮ କିଲୋମିଟର ଲମ୍ବର ତଟରୁ ପ୍ରାୟ ୨୮ କିମି ଅଞ୍ଚଳରେ ଭୟାବହ ପରିସ୍ଥିତି ସୃଷ୍ଟି ହୋଇଛି। ସାତଭାୟାଠାରେ ଗତବର୍ଷକ ମଧ୍ୟରେ ପ୍ରାୟ ୪୦ ମିଟର ତଟକ୍ଷୟ ହୋଇଛି। ରାଜନଗର ବ୍ଲକ ସାତଭାୟାର ପୁରୁଣା ପଞ୍ଚୁବରାହୀ ମନ୍ଦିର ଏହି ବର୍ଷାଋତୁ ମଧ୍ୟରେ ଇତିହାସ ପାଲଟିବାକୁ ଯାଉଥିବା ବେଳେ ସମୁଦ୍ରର ଆଖି ନିକଟସ୍ଥ ସୁନେଇ ରୂପେଇ ଜଙ୍ଗଲ ଉପରେ ପଡିଛି। ଏହାର ନିରାକରଣ ପାଇଁ ସାତଭାୟାର ଅବଶିଷ୍ଟ ଚାଷଜମିକୁ ହେନ୍ତାଳବଣ ସୃଷ୍ଟି କରିବା ଆବଶ୍ୟକ ହୋଇପଡିଛି। ସେହିପରି କ୍ରମାଗତ ଭାବେ କ୍ଷୟ ହୋଇଚାଲିଥିବା ଅଗରନାସୀ ଦ୍ୱୀପରେ ପଥରବନ୍ଧ ଆବଶ୍ୟକ ବୋଲି ସ୍ଥାନୀୟ ଅନୁଭବୀ ଗ୍ରାମବାସୀ ମତ ଦେଇଛନ୍ତି।

ବଗପାଟିଆକୁ ସ୍ଥାନାନ୍ତର ଓ ବରାହୀପୁରର ମୂଳ ନିବାସୀ ସୁଦର୍ଶନ ସ୍ୱାଇଁ କହିଛନ୍ତି, ସାତଭାୟା ପଞ୍ଚାୟତ ୭ ରାଜସ୍ୱ ଗ୍ରାମକୁ ନେଇ ଗଠିତ ହୋଇଥିଲା। ଏହି ରାଜସ୍ୱ ଗ୍ରାମଗୁଡିକ ଗତ ୫ ଦଶନ୍ଧି ମଧ୍ୟରେ ସମୁଦ୍ର ଗର୍ଭକୁ ଚାଲି ଯାଇଥିବା ବେଳେ ଏବେ ମଗରକନ୍ଦା, ଅଡ଼ସଲ ପ୍ରଭୃତି ପଡା ଗ୍ରାମ କିଛି ମାତ୍ରାରେ ଅଛି। ସମୁଦ୍ରର ଦ୍ରୁତ ତଟକ୍ଷୟ ସ୍ଥାନୀୟ ଅଞ୍ଚଳରୁ ସ୍ଥାନାନ୍ତର ହେବାକୁ ବାଧ କରିଛି। ଏ ନେଇ ୪ ଦଶନ୍ଧିର ସଂଘର୍ଷ ପରେ ଗତ ୪ ବର୍ଷ ପୂର୍ବେ ଏହି ଅଞ୍ଚଳର ୫୭୧ ପରିବାରଙ୍କୁ ନିକଟସ୍ଥ ବଗପାଟିଆକୁ ସ୍ଥାନାନ୍ତର କରାଯାଇଛି। ଜୁଆର ମାଡ ଏଠାରେ ପ୍ରବଳ ହେଉଥିବାରୁ ସୁନେଇ ରୂପେଇ ଜଙ୍ଗଲ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ଏହାର ଦୀର୍ଘକାଳୀନ ନିରାକରଣ ନ ହେଲେ ଉପାନ୍ତ ଅଞ୍ଚଳବାସୀ ବିପଦରେ ପଡିବେ ବୋଲି ସେ ମତ ରଖିଛନ୍ତି। ତଟକ୍ଷୟ ରୋକିବାକୁ ସାତଭାୟାର ଅବଶିଷ୍ଟ ଚାଷଜମିକୁ ହେନ୍ତାଳବଣରେ ପରିଣତ କରିବା ଆବଶ୍ୟକ ବୋଲି ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି। ସେ କହିଛନ୍ତି, ପେଣ୍ଠଠାରେ ଜିଓ ସିନ୍ଥେଟିକ ଟ୍ୟୁବ୍ ୱାଲ ନିର୍ମାଣ ହୋଇଛି। ଏହି ଜିଓ ଟ୍ୟୁବ୍ ୱାଲ ସମୁଦ୍ର ଜୁଆର ମାଡ଼କୁ ସହି ପାରୁନାହିଁ। ଏଠାରେ ଥିବା ଗାବିଅନ ବକ୍ସ (ଲୁହା ତାର ଜାଲି)କୁ ଛିଡାଇ ପଥରଗୁଡିକୁ ସମୁଦ୍ର ନିଜ ଗର୍ଭକୁ ନେଇ ଯାଉଛି। ଏପରି କି ଏହାର ସୁରକ୍ଷା ପାଇଁ ନିର୍ମାଣ ହୋଇଥିବା ପଥରବନ୍ଧ ମଧ୍ୟ ଏଥିରୁ ବାଦ ପଡୁନାହିଁ। ପରିବେଶ ଓ ପାଣିପାଗ ପରିବର୍ତ୍ତନ ସହ ବିଶ୍ୱ ତାପନ ଫଳରେ ସମୁଦ୍ରର ଜଳପତନ ବୃଦ୍ଧି ପାଉଛି। ଅମାବାସ୍ୟା, ପୂର୍ଣ୍ଣିମା ଆଦି ତିଥିରେ ଆସୁଥିବା ଜୁଆର ଲୁଣାବନ୍ଧକୁ ଡେଇଁ ଯାଉଛି। ସୁରକ୍ଷା ପ୍ରାଚୀର ଭାବେ ହେନ୍ତାଳବଣ ବୃଦ୍ଧିର ଆବଶ୍ୟକତା ଅଛି। ତେବେ ଏହି ଆର୍ଦ୍ରଭୂମିରେ ହେନ୍ତାଳବଣ ବୃଦ୍ଧି ପାଇଁ ଯଥେଷ୍ଟ ପରିମାଣର ମଧୁର ଜଳ ପହଞ୍ଚି ପାରୁନାହିଁ। ଆର୍ଦ୍ରଭୂମି ପାଇଁ ଅନ୍ୟୁନ ୪୦ ପ୍ରତିଶତ ମଧୁର ଜଳ ଆବଶ୍ୟକ ଥିବା ବେଳେ ଖରାଦିନେ ମାତ୍ର ୧୫ ପ୍ରତିଶତ ପହଞ୍ଚି ପାରୁଥିବା ସେ ମତ ଦେଇଛନ୍ତି। ରାଜନଗରର ସାମାଜିକ କର୍ମୀ ପ୍ରମିଳା ମଲ୍ଲିକ କହିଛନ୍ତି, ଅଗରନାସୀ ଦ୍ୱୀପ ପୂର୍ବରୁ ୭ କିଲୋମିଟର ଲମ୍ବ ଥିଲା। ଏବେ ମାତ୍ର ୭୦୦ ମିଟର ରହିଛି। ଏଠାରେ ବଡ ପଥର ଦ୍ୱାରା ବନ୍ଧ ବନ୍ଧା ଗଲେ ତଟକ୍ଷୟ ରୋକାଯାଇ ପାରିବ। ତଣ୍ଡା ସହ ସ୍ଥାନୀୟ ସୁନୀତି, ବାବର ଆଦି ପଞ୍ଚାୟତକୁ ସୁରକ୍ଷା ଦିଆଯାଇ ପାରିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ରେଞ୍ଜର ମାନସ କୁମାର ଦାସ କହିଛନ୍ତି, ତଟାଞ୍ଚଳରେ ହେନ୍ତାଳବଣ ସୃଷ୍ଟି ପାଇଁ ଗୁରୁତ୍ୱ ଦିଆଯାଇଛି। ସାତଭାୟା, ପେଣ୍ଠ ଆଦି ଅଞ୍ଚଳରେ ବହୁ ପରିମାଣରେ ଚାରା ଲାଗିଛି। ତଟକ୍ଷୟ ସମ୍ପର୍କରେ ବିଶେଷଜ୍ଞଙ୍କୁ ଅବଗତ କରାଇ ରିପୋର୍ଟ ପ୍ରସ୍ତୁତ ହୋଇଛି।



ମହାକାଳପଡ଼ା ବ୍ଲକ ତଣ୍ଡା ଅଞ୍ଚଳରେ ସମୁଦ୍ର କୂଳ ଲଂଘୁଛି।

# ସରକାରୀ ଜମିରୁ ଚାଲିଛି ମାଟି ଚାଲାଣ

- ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍
- ଏନ୍‌ଜିଟିଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ

ପଟ୍ଟାମୁଣ୍ଡାଇ,୮।୬(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ଅଳଭା ବ୍ରାହ୍ମଣୀ ନଦୀ ପାଳରେ ବଡ ବଡ ଗାତ କରାଯାଇ ମାଟି ଚାଲାଣ କରାଯାଇଛି । ମାଟି ବ୍ୟବସାୟୀମାନେ ଏଥିରେ ଲାଭବାନ ହେଉଥିବା ବେଳେ ରାଜ୍ୟ ସରକାର ରାଜସ୍ୱ ହରାଉଛନ୍ତି। ସରକାରଙ୍କ ସମସ୍ତ ନୀତି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇ ଜେସିବି ଓ ଟ୍ରାକ୍ଟର ଦ୍ୱାରା ପ୍ରତିଦିନ ଶତାଧିକ ଟ୍ରିପ ମାଟି ଉଠା ଯାଉଛି । ଉପରୋକ୍ତ ସ୍ଥାନରୁ ମାଟି ଉଠାଣକୁ ନ୍ୟାଶନାଲ୍ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି) ବନ୍ଦ କରିବା ସହିତ କେନ୍ଦ୍ରାପଡ଼ା ଜିଲା ପ୍ରଶାସନକୁ କଡ଼ା ଭାଷାରେ ସମାଲୋଚନା କରିଥିଲେ। ମାଟି ବ୍ୟବସାୟୀଙ୍କଠାରୁ ଲକ୍ଷାଧିକ ଟଙ୍କାର ଜରିମାନା ଆଦାୟ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିଲେ । ଏତେସବୁ କଟକଣା ଥାଇ ବି କେତେଜଣ ସରକାରୀ କର୍ମଚାରୀଙ୍କ ସହଯୋଗରେ ମାଟି ଚାଲାଣ କରାଯାଉଥିବା ଅଭିଯୋଗ ହୋଇଛି ।

ଏ ସଂକ୍ରାନ୍ତରେ ସାମାଜିକ କର୍ମୀ ସର୍ବେଶ୍ୱର ସେଠୀ କୁହନ୍ତି, କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ତହସିଲ ଅଧୀନ ଅଳଭା ପାଳରେ ଥିବା ସରକାରୀ ଜମିରୁ ବେଧଡ଼କ ଭାବେ ଶତାଧିକ ଟ୍ରିପ ମାଟି ବାଲି ଉଠାଣ ଚାଲିଛି। ଏ ସମ୍ପର୍କରେ ନିମପୁର ଶାସନ ଓ ଅଳଭା ଗ୍ରାମବାସୀ ଅଭିଯୋଗ କରିବା ସହିତ ଏହା ବନ୍ୟା ନିରୋଧକ ବନ୍ଧ ପ୍ରତି ବିପଦ ସୃଷ୍ଟି କରୁଛି ବୋଲି କହିଛନ୍ତି । ସ୍ଥାନୀୟ ତହସିଲଦାର ବେଆଇନ ମାଟି ଉଠାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀ ବାରମ୍ବାର ଦାବି କରି ଆସୁଛନ୍ତି । ଅଳଭା ବ୍ରାହ୍ମଣୀ ନଦୀ ପଠାରୁ ବାଲି ମାଟି ଉଠାଣକୁ ନେଇ ଏନ୍‌ଜିଟି ପକ୍ଷରୁ ମାମଲା ରୁଜୁ କରାଯାଇ ସମ୍ପୂର୍ଣ୍ଣ ମାଟି ଉଠାଣକୁ ବନ୍ଦ କରାଯାଇଥିଲା। ମାତ୍ର ଏହାର ୧ କି.ମି. ଦୂରରେ ମାଟି ବ୍ୟବସାୟୀମାନେ ବିବାଦୀୟ ସ୍ଥାନରୁ ଜେସିବି ଲଗାଇ ହାଇୱାରେ ମାଟି ଉଠାଇବା ଘଟଣାରେ ପ୍ରଶାସନ କାହିଁକି ନୀରବ ଦ୍ରଷ୍ଟା ସାଜିଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଏ ସମ୍ପର୍କରେ ତହସିଲଦାର ଦିଲ୍ଲୀପ ସେଠୀଙ୍କୁ ଯୋଗାଯୋଗ କରିବାରେ ସରକାରୀ ରାସ୍ତା କାମ ପାଇଁ ବାଲି ମାଟି ଉଠାଣ କରାଯାଉଛି। ମାଟି ଖୋଳାରେ ନିୟୋଜିତ ଥିବା ଗାଡ଼ିକୁ ଜବତ କରି ଜରିମାନା ଆଦାୟ କରିବାକୁ ତହସିଲ ଅଫିସରେ ସେହି ଗାଡ଼ିକୁ ଅଟକ ରଖାଯାଇଛି ବୋଲି ସେ କହିଛନ୍ତି । ଏ ସମ୍ପର୍କରେ ସାମାଜିକ କର୍ମୀ ମିଟୁ ଦାଶ କହିଛନ୍ତି, ଅଳଭାଠାରେ ବ୍ରାହ୍ମଣୀ ନଦୀ ପଠାରୁ ବେଆଇନ ବାଲିମାଟି ଉଠାଣ ନେଇ ଗ୍ରୀନ ଟ୍ରିବ୍ୟୁନାଲ ରହିତାଦେଶ ଦେଇଥିଲେ । କିନ୍ତୁ ସେଠାରୁ ବାଲି ମାଟି ଉଠାଣ ବନ୍ଦ ଥିବା ବେଳେ ଏହାର ୧ କି.ମି.ଦୂର ଅଳଭାଠାରେ କିପରି ବେଆଇନ ଭାବେ ବାଲି ମାଟି ଉଠାଣ ହେଉଛି ସେଥିପାଇଁ ସେ ମୁଖ୍ୟ ଶାସନ ସଚିବଙ୍କ ସହିତ ଆଲୋଚନା କରି ଏନ୍‌ଜିଟିର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଯେଉଁ ଠିକାଦାରମାନେ ସରକାରୀ କାମ କରୁଛନ୍ତି ସେମାନେ ଦୂରରୁ ମାଟି କିଣି ଆଣି କାମ କରିବା ପାଇଁ ଚୁକ୍ତି ସ୍ୱାକ୍ଷରିତ କରିଛନ୍ତି । ମାତ୍ର ସ୍ଥାନୀୟ ପ୍ରଶାସନକୁ ହାତ କରି ବେଆଇନ ଭାବେ ସରକାରୀ ଜମିରୁ ବିନାମୂଲ୍ୟରେ ମାଟି ଉଠାଇବା ଘଟଣା ସମଗ୍ର ଅଞ୍ଚଳ ପାଇଁ ବିପଦ ସୃଷ୍ଟି କରିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।






ବ୍ରାହ୍ମଣୀ ନଦୀପଠାରୁ ମାଟି ଚାଲାଣ ହେଉଥିବା ସ୍ଥାନ ଓ ତହସିଲ ଅଫିସରେ ଅଟକ ରହିଥିବା ମାଟି ବୋଝେଇ ଟ୍ରାକ୍ଟର।

# ଜମି ପଟ୍ଟା ବଣ୍ଟନ କଲେ ଖାଦ୍ୟ ଯୋଗାଣ ମନ୍ତ୍ରୀ

ମାର୍ଶାଘାଇ,୮।୬(ଡି.ଏନ.ଏ.)

ମୁଁ ଏଠାକୁ ସମ୍ବର୍ଦ୍ଧିତ ହେବାପାଇଁ ଆସିନାହିଁ । ସେବା କରିବା ପାଇଁ ଆସିଛି। ମାର୍ଶାଘାଇ-ମହାକାଳପଡାବାସୀଙ୍କୁ ସର୍ବୋତ୍ତମ ସେବା ଯୋଗାଇ ଦେବା ପାଇଁ ମୁଁ ସଙ୍କଳ୍ପ ନେଇଛି। ଏବେ ମହାକାଳପଡା-ମାର୍ଶାଘାଇ ଅଞ୍ଚଳରେ ସେବାର ପର୍ବ ଜାରି ରହିବ ବୋଲି ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି।

ମନ୍ତ୍ରୀ ହେବା ପରେ ବୁଧବାର ସନ୍ଧ୍ୟାରେ ମାର୍ଶାଘାଇ ତହସିଲ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଜମି ପଟ୍ଟା ବଣ୍ଟନ ଉତ୍ସବରେ ଯୋଗଦେଇ ନାୟକ କହିଥିଲେ, ମହାକାଳପଡ଼ା ନିର୍ବାଚନ ମଣ୍ଡଳୀରେ ସର୍ବାଙ୍ଗୀନ ବିକାଶ ମୋର ଲକ୍ଷ୍ୟ, ଆଗାମୀ ଦିନରେ ଏହା ଜାରି ରହିବ। ମାର୍ଶାଘାଇ ତହସିଲଦାର ଉମାଶଙ୍କର ବେହେରାଙ୍କ ପୌରୋହିତ୍ୟ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଦୁର୍ଗାପ୍ରସାଦ ମହାରଣା, ଉପଜିଲାପାଳ ନିରଞ୍ଜନ ବେହେରା, ମାର୍ଶାଘାଇ ବ୍ଲକ ଅଧକ୍ଷା ମଧୁସ୍ମିତା ସାମଲ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ଅଶୋକ କୁମାର ବେହେରା, ପ୍ରଫୁଲ କୁମାର ବିଶ୍ୱାଳ, ଜିଲା ପରିଷଦ ସଭ୍ୟା ଦୁର୍ଗାବତୀ ପ୍ରଧାନ, ସଭ୍ୟ ପ୍ରତାପ ମଲ୍ଲିକ, ମହାକାଳପଡ଼ା ବ୍ଲକ ଅଧକ୍ଷା କଳ୍ପନା ରାଉତ, ସରପଞ୍ଚ ଭାଗବତ ବେହେରା, ସମିତି ସଭ୍ୟ ପ୍ରସନ୍ନ କୁମାର ସାହୁ ମଞ୍ଚାସୀନ ଥିଲେ। ଏହି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ମାର୍ଶାଘାଇ ତହସିଲ ୧୦ଟି ରାଜସ୍ୱ ନିରୀକ୍ଷକ ଅଧୀନରେ ଥିବା ୧୦୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀ ଓ ୪ଗୋଟି ୫-ଟି ସ୍ମାର୍ଟ ସ୍କୁଲ (ଯମପଡା ନୋଡାଲ ହାଇସ୍କୁଲ, ମଣିନାଗେଶ୍ୱର ହାଇସ୍କୁଲ ଶିଳିପୁର, ପଂଚାୟତ ହାଇସ୍କୁଲ ଅଙ୍ଗୁଳାଇ ଓ ବଟିରା ନୋଡାଲ ହାଇସ୍କୁଲ)କୁ ମନ୍ତ୍ରୀ ନାୟକ ଜମି ପଟ୍ଟା ପ୍ରଦାନ କରିଥିଲେ। ଏହି ଅବସରରେ ମାର୍ଶାଘାଇ କ୍ରସିଂଠାରୁ ସଭାମଞ୍ଚ ପର୍ଯ୍ୟନ୍ତ ଜିଲା ବିଜୁ କୃଷକ ସେଲର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରା ବାହାରି ସଭାସ୍ଥଳକୁ ପାଛୋଟି ଅଣାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ସଞ୍ଜୟ କୁମାର ଲେଙ୍କା, ବରିଷ୍ଠ ନେତା ଗଙ୍ଗାଧର ପରିଡା, ଶିକ୍ଷାବିତ୍ ଚନ୍ଦ୍ରମଣି ସାହୁ, ସମିତି ସଭ୍ୟ ବିପିନ ବିହାରୀ ସ୍ୱାଇଁ, ଶରତ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ମହାକାଳପଡ଼ାର ବିକାଶ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ



ରାମଚଣ୍ଡୀ ମନ୍ଦିରରେ ମନ୍ତ୍ରୀଙ୍କୁ ଫୁଲତୋଡ଼ା ଦିଆଯାଇ ସ୍ୱାଗତ କରାଯାଉଛି ।

ମହାକାଳପଡ଼ା,୮।୬(ଡି.ଏନ୍.ଏ.)

ରାଜ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବା ପରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ବୁଧବାର ମହାକାଳପଡ଼ା ଗସ୍ତରେ ଆସିଥିଲେ । ତାଙ୍କୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ସ୍ୱାଗତ କରାଯାଇଥିଲା। ମନ୍ତ୍ରୀ ନାୟକ ଗୋପାଳପୁରଗଡାଠାରୁ ମଙ୍ଗଳପୁର ଦେଇ ଛେଡ଼ାକଣୀସ୍ଥିତ ସତ୍ୟ ନାରାୟଣଙ୍କ ପୀଠରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ପରେ ରାମନଗର ଦରିଆପାରି ମା'ରାମଚଣ୍ଡୀ ମନ୍ଦିରରେ ପହଞ୍ଚି ଆଶିଷ ଭିକ୍ଷା କରିଥିଲେ । ଏହି ଅବସରରେ ମହାକାଳପଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶୁଭେଚ୍ଛୁ ଓ ଦଳୀୟ କର୍ମୀମାନେ ଫୁଲତୋଡା ଦେଇ ତାଙ୍କୁ ପାଛୋଟି ନେଇଥିଲେ। କେନ୍ଦ୍ରାପଡ଼ା ମହାକାଳପଡ଼ାର ବିକାଶ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ଏବଂ ଅଧୁରା ରହିଯାଇଥିବା କାମକୁ ଖୁବ୍‌ଶୀଘ୍ର ପୂର୍ଣ୍ଣାଙ୍ଗ କରାଯିବ ବୋଲି ମନ୍ତ୍ରୀ ନାୟକ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଜିଲାପରିଷଦ ସଦସ୍ୟମାନେ ସାମିଲ ହୋଇଥିଲେ ।

# ନାଉଗାଁ ତହସିଲ: ୨୨ ପଦବୀରୁ ୧୩ ଫାଙ୍କା

ନାଉଗାଁ,୮।୬(ସ୍ୱ.ପ୍ର.):

ଜନସାଧାରଣଙ୍କୁ ସୁବିଧାରେ ପ୍ରଶାସନିକ ସେବା ଯୋଗାଇ ଦେବା ସହ ରାଜସ୍ୱ ଆଦାୟ ପାଇଁ ପ୍ରତି ବ୍ଲକରେ ସରକାରଙ୍କ ପକ୍ଷରୁ ତହସିଲ କାର୍ଯ୍ୟାଳୟ ଅଛି। ଏହି କାର୍ଯ୍ୟାଳୟ ମାଧ୍ୟମରେ ଜମିଜମା ସଂକ୍ରାନ୍ତ କାଗଜପତ୍ର, ବିଭିନ୍ନ ପ୍ରମାଣପତ୍ର, ପ୍ରାକୃତିକ ବିପର୍ଯ୍ୟୟ ସହାୟତା ସହ ସରକାରୀ ଜମିର ରକ୍ଷଣାବେକ୍ଷଣ ଓ ରାଜସ୍ୱ ଆଦାୟ ଆଦି କାର୍ଯ୍ୟ କରାଯାଇଥାଏ। ମାତ୍ର ଜଗତ୍‌ସିଂହପୁର ଜିଲା ନାଉଗାଁ ତହସିଲ କାର୍ଯ୍ୟାଳୟରେ ୨୨ ପଦବୀ ମଧ୍ୟରୁ ୧୩ ଖାଲି ପଡିଥିବାରୁ ଏଠାକୁ ବିଭିନ୍ନ କାମ ପାଇଁ ଆସୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସୁଯୋଗ ନେଇ ଦଲାଲମାନେ ସକ୍ରିୟ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି।

ତହସିଲ କାର୍ଯ୍ୟାଳୟରେ ତହସିଲଦାର, ଅତିରିକ୍ତ ତହସିଲଦାର ଓ ମୁଖ୍ୟ କିରାଣିଙ୍କ ପଦବୀକୁ ମିଶାଇ ମୋଟ ୨୨ ପଦବୀ ରହିଛି। ତହସିଲଦାର, ଅତିରିକ୍ତ ତହସିଲଦାର ଓ ମୁଖ୍ୟ କିରାଣିଙ୍କ ପଦବୀ ପୂରଣ ହୋଇଥିବା ବେଳେ ଅନ୍ୟ ପଦବୀଗୁଡ଼ିକରେ କର୍ମଚାରୀ ଅଭାବ ରହିଛି। ଏଥିରେ ବରିଷ୍ଠ ରାଜସ୍ୱ ସହାୟକ ପଦବୀ ପାଇଁ ୪ଜଣ ଆବଶ୍ୟକ ଥିବା ବେଳେ ମାତ୍ର ୨ ଜଣ, କନିଷ୍ଠ ରାଜସ୍ୱ ସହାୟକ ପଦବୀ ପାଇଁ ୩ ଜଣ ଆବଶ୍ୟକ ଥିବା ବେଳେ ମାତ୍ର ଜଣେ, ରାଜସ୍ୱ ପର୍ଯ୍ୟବେକ୍ଷକ ପଦବୀ ଜଣକ ପାଇଁ ଉଦ୍ଦିଷ୍ଟ ରହିଥିଲେ ମଧ୍ୟ ତାହା ଫାଙ୍କା ପଡିଛି। ସେହିପରି ଅମୀନ ପଦବୀ ପାଇଁ ୨ଜଣ ଆବଶ୍ୟକ ଥିବା ବେଳେ ମାତ୍ର ଜଣେ, ପିଅନ ପଦବୀ ପାଇଁ ୫ଜଣ ଆବଶ୍ୟକ ଥିଲେ ମଧ୍ୟ ମାତ୍ର ୨ଜଣ ଅଛନ୍ତି। ଏହାସହ ପ୍ରକ୍ରିୟା ସର୍ଭର ୨ଟି ପଦବୀ ରହିଥିବା ବେଳେ ସମ୍ପୂର୍ଣ୍ଣ ଫାଙ୍କା ପଡିଥିବା ବେଳେ ଚେନ୍‌ମ୍ୟାନ ୨ଟିଯାକ ପଦବୀ ଫାଙ୍କା ପଡିଛି। ତହସିଲରେ ୨୨ଜଣ କର୍ମଚାରୀ ଆବଶ୍ୟକ ଥିବା ବେଳେ ମାତ୍ର ୯ଜଣରେ କାର୍ଯ୍ୟ ଚାଲିଛି। ଏଠାରେ ଅଧାରୁ ଅଧିକ ପଦବୀ ଫାଙ୍କା ପଡ଼ିଥିବାରୁ ତହସିଲ କାର୍ଯ୍ୟ ଠିକ୍ ଭାବେ ଚାଲିବା ସମ୍ଭବ ହୋଇପାରୁନାହିଁ। ତେଣୁ ଖାଲି ପଡ଼ିଥିବା ବିଭିନ୍ନ ପଦ ପଦବୀକୁ ପୂରଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ସଂକ୍ରାନ୍ତରେ ତହସିଲଦାର ଜେ. କଳ୍ପନାଙ୍କୁ ପଚାରିବାରେ ପଦବୀଗୁଡିକ ପୂରଣ ଲାଗି ଜିଲା ପ୍ରଶାସନକୁ ଅବଗତ କରାଯାଇଛି ବୋଲି କହିଥିଲେ।

# ପାରାଦୀପ ଭାଜପା: ଯୋଡୁଛି କମ୍, ଛିଡୁଛି ବେଶି

## କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ପରେ ଚାଲିଛି ମାନସ ମନ୍ଥନ

ପାରାଦୀପ,୮।୬(ସ୍ୱ.ପ୍ର.)

ପାରାଦୀପରେ ୨୦୨୧ ଡିସେମ୍ବର ୨୫ ଘଟଣା ପରଠାରୁ ଭାଜପାରେ ଅନ୍ତଃକନ୍ଦଳ ବଢ଼ିବାରେ ଲାଗିଛି। ଏଥିଯୋଗୁ ପାରାଦୀପରେ ଭାଜପା ଯୋଡୁଛି କମ୍, ଛିଡୁଛି ବେଶି ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି। ଯାହାର କେତେକ ଚିତ୍ର ସଦ୍ୟ କେନ୍ଦ୍ରମନ୍ତ୍ରୀ ଶାନ୍ତନୁ ଠାକୁରଙ୍କ ଗସ୍ତ ବେଳେ ଦେଖିବାକୁ ମିଳିଛି। ଗତ ୫ରୁ ୭ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରମନ୍ତ୍ରୀ ଠାକୁର ୩ ଦିନିଆ ପାରାଦୀପ ଗସ୍ତ କରିଥିଲେ। ଏହି ସମୟରେ ଭାଜପାର ସମାନ୍ତରାଳ ଦୁଇ ଗୋଷ୍ଠୀ ଅଲଗା ଅଲଗା ଭାବେ ମିଶି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସବୁଠାରୁ କୌତୂହଳ ଥିଲା ପାରାଦୀପ ଷଣ୍ଢକୁଦ ବସ୍ତି ୧୭ ନଂ. ୱାର୍ଡ କାଉନସିଲର ହେଲେ ଭାଜପାର ରୁନି ପରିଡା। ୬ ତାରିଖ ସନ୍ଧ୍ୟାରେ ସେହି ୱାର୍ଡରେ ମନ୍ତ୍ରୀ ଠାକୁର ଗରିବ କଲ୍ୟାଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଦଳର ପ୍ରମୁଖ କର୍ମୀ ସଭାରେ ଉପସ୍ଥିତ ଥିବାବେଳେ ନିର୍ବାଚିତ କାଉନସିଲର ରୁନିଙ୍କୁ ଦେଖିବାକୁ ମିଳି ନ ଥିଲା। ଯାହାକୁ ନେଇ ଦୁଇଦିନ ହେଲା ଦଳର କର୍ମୀ ଓ ବହିଷ୍କୃତ କର୍ମୀଙ୍କ ମଧ୍ୟରେ ପର୍ଯ୍ୟାଲୋଚନା ଚାଲିଛି। ଏହାରି ମଧ୍ୟରେ ଆସନ୍ତା ୨୧ରେ ଦଳର ସର୍ବୋଚ୍ଚ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାରାଦୀପ ବନ୍ଦର ଗସ୍ତ କରିବାର କାର୍ଯ୍ୟକ୍ରମ ଥିବାରୁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଚାଲିଥିବା ବିଶେଷ ସୂତ୍ରରୁ ଖବର ମିଳିଛି। ଏଭଳିସ୍ଥିତିରେ ଦଳର ଅନ୍ତଃକନ୍ଦଳ ଘଟଣାକୁ ନେଇ କର୍ମୀଙ୍କ ମଧ୍ୟରେ ଚିନ୍ତା ଦେଖାଦେଇଛି।

ସୂଚନାଯୋଗ୍ୟ, ପାରାଦୀପରେ ଭାଜପା ୨୦୧୪ ନଭେମ୍ବର୧୬ ଯାଏ ଆଶାତୀତ ଭାବେ ଜନାଦୃତ ହୋଇଥିଲା। କାରଣ ପାରାଦୀପ ରଙ୍ଗିଆଗଡ ଗାଁର ଠିକାଦାର ନିର୍ମଳ ସ୍ୱାଇଁ ଓ ତାଙ୍କ ପୁଅ ସମ୍ପଦ ସ୍ୱାଇଁ ଉକ୍ତ ଦଳରେ ସାମିଲ ହୋଇଥିଲେ। ସେହି ତାରିଖରେ ତତ୍କାଳୀନ କେନ୍ଦ୍ର ତୈଳମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗସ୍ତ କରିଥିଲେ। ତା' ପରଠାରୁ ସମ୍ପଦ ଦଳର ସାଙ୍ଗଠନିକ କାମ କରିଥିଲେ। ଯାହାର ଫଳସ୍ୱରୂପ ୨୦୧୫ ପୌର ନିର୍ବାଚନରେ ଦଳ ୮୦୦୮ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା ଓ ଜଣେ କାଉନସିଲର ଜିତିଥିଲେ। ଏହାପରେ ୨୦୧୯ ସାଧାରଣ ନିର୍ବାଚନରେ ସମ୍ପଦ ବିଧାୟକ ପ୍ରାର୍ଥୀ ଭାବେ ୩୬ ହଜାର ଭୋଟ ପାଇ ଉପସ୍ଥିତି ଜାହିର କରିଥିଲେ। ଏହା ପୂର୍ବରୁ ସାଧାରଣ ନିର୍ବାଚନରେ ୨ରୁ ୫ ହଜାର ଭୋଟ ଓ ପୌର ନିର୍ବାଚନରେ ୫୦୦ରୁ କମ ଭୋଟ ମିଳୁଥିଲା। ଏପରି ଉତ୍ଥାନ ମଧ୍ୟରେ ପାରାଦୀପରେ ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ହୋଇଥିଲା। ୨୦୨୧ ଡିସେମ୍ବର ୨୫ରେ ବାଜପେୟୀଙ୍କ ଜୟନ୍ତୀରେ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପ୍ରୟାସ ହୋଇଥିଲା। ଏହାକୁ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ଉଦ୍‌ଘାଟନ କରିବେ ବୋଲି ଘୋଷଣା ପରେ ସମ୍ପଦ ଗୋଷ୍ଠୀ ବିରୋଧ କରିଥିଲେ। କାରଣ ସମ୍ପଦ ହେଉଛନ୍ତି ଧର୍ମେନ୍ଦ୍ରଙ୍କ ପାଖଲୋକ। ଏମିତି ବିରୋଧ ଆରୋପ ପ୍ରତ୍ୟାରୋପ, ଗଣ୍ଡଗୋଳ, ଥାନାରେ ଏକାଧିକ ମାମଲା ହେଲା। ଶେଷରେ ଏମ୍‌ପି ଷଡଙ୍ଗୀ ଧାର୍ଯ୍ୟ ସମୟରେ ଆସିଲେ ଏବଂ ବାଜପେୟୀଙ୍କ ପ୍ରତିମୂର୍ତ୍ତି ଅନାବରଣ ହେଲା। ତା' ପରେ ଧର୍ମେନ୍ଦ୍ର ସମର୍ଥକ ଗୋଷ୍ଠୀ ଓ ଅପରାଜିତା ସମର୍ଥକ ଗୋଷ୍ଠୀ ଭାବେ ଅଲଗା କାର୍ଯ୍ୟକ୍ରମ ଚାଲିଲା। ଏପ୍ରିଲରେ ପୌର ନିର୍ବାଚନ ପୂର୍ବରୁ ଦଳ ଆଗଧାଡିର କର୍ମୀ କୈଳାସ ସାହୁ, ଅଜିତ ଦାସ, ଶୈଳେନ୍ଦ୍ରୀ ସେନାପତି ଓ ଅରୁଣ ସ୍ୱାଇଁଙ୍କୁ ବହିଷ୍କାର କରାଗଲା। ଏହାର ପ୍ରଭାବ ପୌର ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ପ୍ରମାଣିତ ହୋଇଥିଲା। ଅର୍ଥାତ୍ ଭାଜପା ୨୦୨୨ ନିର୍ବାଚନରେ ମାତ୍ର ୪୪୦୩ ଭୋଟ ପାଇଥିଲା। କିନ୍ତୁ ୩ ଜଣ କାଉନସିଲର ଜିତିଥିଲେ। ଯେଉଁ ୩ଟି ୱାର୍ଡରେ ଭାଜପା ଜିତିଛି ସେଠାରେ ବିଜେଡିର ଦୁଇଗୋଷ୍ଠୀ ପ୍ରାର୍ଥୀ ହୋଇଥିଲେ। ଯେଉଁ ଦଳ ୨୦୧୫ ପୌର ନିର୍ବାଚନରେ ୮ ହଜାରରୁ ଅଧିକ ଭୋଟ ପାଇଥିଲା ୨୦୨୨ ବେଳକୁ ଅଧା ଭୋଟ ମିଳିଥିଲା।

କେନ୍ଦ୍ରମନ୍ତ୍ରୀ ଠାକୁର ୬ ତାରିଖରେ ଯେତେ କାର୍ଯ୍ୟକ୍ରମ କରିଥିଲେ, ସେଥି ମଧ୍ୟରେ ପ୍ରାୟ ୭୦ ପ୍ରତିଶତ ସମ୍ପଦ ସମର୍ଥକଙ୍କ ସମ୍ପୃକ୍ତି ଥିବା ଦେଖିବାକୁ ମିଳିଥିଲା। ଅବଶିଷ୍ଟ କାର୍ଯ୍ୟକ୍ରମ ଅପରାଜିତା ସମର୍ଥକଙ୍କ ଥିଲା। ଏପରି କି ଦଳରୁ ବହିଷ୍କୃତ କର୍ମୀ ଅଜିତ, ଶୈଳେନ୍ଦ୍ରୀଙ୍କ ସହ ଏକାଧିକ ବାର ମିଶିଥିଲେ। ସେହିପରି ଜଗତ୍‌ସିଂହପୁର ଓ ବିରିଡି କାର୍ଯ୍ୟକ୍ରମରେ ସମ୍ପଦଙ୍କ ଅନୁପସ୍ଥିତି ଦେଖିବାକୁ ମିଳିଥିଲା। ଏପରି ଘଟଣା ସମ୍ପର୍କରେ ସମ୍ପଦ ସ୍ୱାଇଁଙ୍କୁ ପଚାରିବାରେ ବହିଷ୍କୃତ କର୍ମୀ ଏକ ଦାବିପତ୍ର ଦେବାକୁ ଯାଇଥିଲେ। କାଉନସିଲର ଅନୁପସ୍ଥିତ ପ୍ରସଙ୍ଗରେ କୁହନ୍ତି, ରୁନି ଘଟଣା ଦିନ ଗାଁକୁ ଯାଇଥିଲେ ବୋଲି ସେ କହିଛନ୍ତି। ଶୈଳେନ୍ଦ୍ରୀ ସେନାପତି କୁହନ୍ତି, ଆମକୁ ବିନା କାରଣରେ ବହିଷ୍କାର କରାଯାଇଛି। ଯେଉଁମାନେ ଦଳର ନୀତି ନିୟମ ଜାଣିନାହାନ୍ତି ସେମାନେ ଅର୍ଥ ବଳରେ ଏପରି ଭିନ୍ନ ପଦକ୍ଷେପ ନେଇଛନ୍ତି। କିନ୍ତୁ ଦଳର ବରିଷ୍ଠ ନେତାମାନେ ଆମକୁ ଏବେ ବି ଖୋଜୁଛନ୍ତି। ଅଜିତ ଦାସ କୁହନ୍ତି, ୩୦ ବର୍ଷ ହେଲା ଦଳ ସହିତ ରହିଛି। ନୀତି ଆଦର୍ଶ ମାନିଛି। ଏବେ କେତେଜଣ କ୍ଷମତା ହାସଲ ପାଇଁ ଭୁଲ ରାସ୍ତାରେ ଯାଉଛନ୍ତି। ଯାହାର ପରିଣାମ ନିର୍ବାଚନରେ ପ୍ରତିଫଳିତ ହୋଇଛି। ୨୦୧୫ ନିର୍ବାଚନରେ ଜିଣିଥିବା କାଉନସିଲର ମାତ୍ର ବର୍ଷକ ମଧ୍ୟରେ ଦଳ ଛାଡି ବିଜେଡିରେ ମିଶିଥିଲେ। ଏବେ ନିର୍ବାଚନର ମାସକ ମଧ୍ୟରେ ଜିଣିଥିବା ଲୋକ ଦଳଠାରୁ ଦୂରେଇ ଗଲେଣି।

## ସଂକ୍ଷେପରେ

### ଧାନକୁଦ ରଥଯାତ୍ରା, ସ୍ନାନପୂର୍ଣ୍ଣିମା ପାଇଁ ପ୍ରସ୍ତୁତି ବୈଠକ

ବାଲିଆ,୮।୬ : ଜଗତ୍‌ସିଂହପୁର ଜିଲା ବିରିଡି ବ୍ଲକ ହାଜିପୁର ପଞ୍ଚାୟତସ୍ଥିତ ପଞ୍ଚଶାଖାଙ୍କ ଧାନକୁଦ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆସନ୍ତା ରଥଯାତ୍ରା ପାଇଁ ଏକ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ମନ୍ଦିର ବିଶ୍ୱାବସୁ ବିଭୁଦତ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକ ଓ ସମ୍ବର୍ଦ୍ଧନା ସଭାରେ ମୁଦିରସ୍ତ ବିଜୟ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିରିଡି ପଞ୍ଚାୟତ ସମିତି ଅଧ୍ୟକ୍ଷା ମମତା ପାତ୍ର, ସମ୍ମାନୀତ ଅତିଥି ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶନୀ, ହାଜିପୁର ସରପଞ୍ଚ ଆରତି ଭୂୟାଁ, ସାମାଜିକ କର୍ମୀ ପ୍ରଦୀପ୍ତ କୁମାର ଭୂୟାଁ, ଅକ୍ଷୟ କୁମାର ଭୂୟାଁ ଯୋଗ ଦେଇଥିଲେ। ପୀଠାଧିଶ ପ୍ରେମ ଶାଗର ବାବା ଅରକ୍ଷିତ ଦାସମହାରାଜ, ମନ୍ଦିର ରାଜା ପ୍ରମୋଦ କୁମାର ନନ୍ଦୀ, ବାମଦେବ ସ୍ୱାଇଁଙ୍କ ସମେତ ସେବାୟତମାନେ ଯୋଗଦେଇ ଆଲୋଚନା କରିଥିଲେ। ପରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆସନ୍ତା ରଥଯାତ୍ରା ପ୍ରସ୍ତୁତି ସମ୍ପର୍କରେ ଅବଗତ କରିଥିଲେ। ୯ ଦିନ ବ୍ୟାପୀ ରଥଯାତ୍ରା ଉତ୍ସବରେ ବିରିଡି ବ୍ଲକର ସମସ୍ତ ଅଧିବାସୀମାନଙ୍କ ସାହାର୍ଯ୍ୟ ସହଯୋଗ ନିତ୍ୟାନ୍ତ ଆବଶ୍ୟକ ବୋଲି ପାଟରାଜା ଉପସ୍ଥିତ ବରେଣ୍ୟ ଅତିଥି, ସେବାୟତ ଓ ଖବରଦାତାମାନଙ୍କୁ କହିଥିଲେ। ରଥଯାତ୍ରା ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଥିସହ ୧୪ ତାରିଖରେ ସ୍ନାନ ପୂର୍ଣ୍ଣିମା ଅବସରରେ ଶ୍ରୀଜୀଉଙ୍କ ସ୍ନାନଯାତ୍ରା ପାଇଁ ସମସ୍ତ ସେବାୟତ ୧୩ ତାରିଖରେ ମନ୍ଦିର ପ୍ରବେଶ କରିବାକୁ ବିଶ୍ୱାବସୁ ସାହୁ କହିଥିଲେ। ବିଶେଷକରି ଚଳିତ ରଥ ଯାତ୍ରାରେ ପ୍ରବଳ ଜନସମାଗମ ହେବାର ସମ୍ଭାବନା ଥିବାରୁ ବ୍ଲକ, ତହସିଲ, ପୋଲିସ ପ୍ରଶାସନ ସହଯୋଗ ଓ ପଞ୍ଚାୟତ ସମିତି ପକ୍ଷରୁ ଆବଶ୍ୟକ ସହାୟତ ଯୋଗାଇ ଦେବା ପାଇଁ ଅଧ୍ୟକ୍ଷା ମମତା ପାତ୍ର, ଉପାଧ୍ୟକ୍ଷା ପ୍ରିୟଦର୍ଶନୀ ଓ ସରପଞ୍ଚ ଭୂୟାଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ପରେ ପରିଚାଳନା କମିଟି ପକ୍ଷରୁ ମୁଖ୍ୟ ଅତିଥି ସମ୍ମାନିତ ଅତିଥି ଓ ବିରିଡି ବ୍ଲକରେ କାର୍ଯ୍ୟରତ ବରିଷ୍ଠ ଖବରଦାତା ବସନ୍ତ କୁମାର ବେହେରା, ଅରୁଣ କୁମାର ଦାସ, ବିଜୟ ରାଉତ, ରଣଜିତ୍ ଖଣ୍ଡୁଆଳ, ଅଭିରାମ ବେହେରାଙ୍କୁ ପୁଷ୍ପମାଲ୍ୟ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦଇତାପତି ଓ ସେବାୟତମାନେ ଉପସ୍ଥିତ ରହି ପରିଚାଳନାରେ ସହାୟତା କରିଥିଲେ।

### ବେଳାଭୂମି ସୁରକ୍ଷା ପାଇଁ ଦାବିପତ୍ର

ପାରାଦୀପ,୮।୬(ସ୍ୱ.ପ୍ର.):ପାରାଦୀପ ସମୁଦ୍ର ବେଳାଭୂମିରେ ଗତ ବର୍ଷକ ମଧ୍ୟରେ ଅନେକ ଲୋକ ବୁଡି ପ୍ରାଣ ହରାଇଛନ୍ତି। ଆଉ କେତେଜଣ ନିଖୋଜ ଅଛନ୍ତି। ସେମାନଙ୍କ ମଧ୍ୟରେ ଛାତ୍ର ୨ଜଣ ଅଛନ୍ତି। ଏପରି ଗଭୀର ଜଳରାଶିରୁ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଏକ ଦାବିପତ୍ର କେନ୍ଦ୍ର ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରୀ ଶାନ୍ତନୁ ଠାକୁରଙ୍କୁ ମଙ୍ଗଳବାର ଦିଆଯାଇଛି। ବିଶ୍ୱହିନ୍ଦୁ ପରିଷଦ ଜିଲା ପ୍ରଭାରୀ ଧ୍ରୁତିଧର ଦାସ ଓ ଅନ୍ୟମାନେ ଏହି ଦାବିପତ୍ର ଦେଇଥିଲେ।

# ୧୮୯୬ ହିତାଧିକାରୀଙ୍କୁ ୮୧ କୋଟି ଋଣ

- ଅଗ୍ରଣୀ ବ୍ୟାଙ୍କ ୟୁକୋ ପକ୍ଷରୁ ଋଣ ସଂଯୋଗୀକରଣ ପଦକ୍ଷେପ
- ସାରଦାଙ୍କ ନାଁରେ ବହୁ ଆପରାଧିକ ମାମଲା ରହିଛି: ବିଜେଡି

ଜଗତ୍‌ସିଂହପୁର ଅଫିସ, ୮।୬

ଜଗତ୍‌ସିଂହପୁର ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ବୁଧବାର ଜିଲାର ଅଗ୍ରଣୀ ବ୍ୟାଙ୍କ ୟୁକୋ ପକ୍ଷରୁ ଋଣ ସଂଯୋଗୀକରଣ ପଦକ୍ଷେପ ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲାର ୧୮୯୬ ଜଣ ହିତାଧିକାରୀଙ୍କୁ ୮୧ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି। ସେଥିରେ ଗୃହ, କାର, ଏସ୍ଏଚ୍‌ଜି ଓ କେସିସି ଋଣ ଅନ୍ତର୍ଭୁକ୍ତ। ଏଥିରେ ଯୋଗଦେଇ ଜିଲାପାଳ ପାରୁଲ ପଟାୱରୀ କହିଛନ୍ତି, ସରକାରୀ ଯୋଜନାଗୁଡିକର ସଫଳ ରୂପାୟନ କ୍ଷେତ୍ରରେ ବ୍ୟାଙ୍କଗୁଡିକର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ବ୍ୟାଙ୍କଗୁଡିକ ବିଭିନ୍ନ ବିଭାଗର ଯେତେ ସରକାରୀ ଯୋଜନା ରହିଛି ସେଗୁଡିକୁ ସଫଳ କରିବାକୁ ଆଗେଇ ଆସିବା ଉଚିତ। ବିଶେଷକରି ଜିଲାର ଯୁବ ଉଦ୍ୟୋଗୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍ଏଚ୍‌ଜି)ଗୁଡିକୁ ଅଧିକ ମାତ୍ରାରେ ଋଣ ସହାୟତା ଯୋଗାଇ ଦିଅନ୍ତୁ। ଏସ୍ଏଚ୍‌ଜିଙ୍କ ଉତ୍ପାଦିତ ସାମଗ୍ରୀ କେବଳ ଜିଲା ନୁହେଁ, ରାଜ୍ୟ ତଥା ଜାତୀୟସ୍ତରରେ



କାର୍ଯ୍ୟକ୍ରମରେ ଜିଲାପାଳ ପାରୁଲ ପଟାୱାରୀ ଓ ଅନ୍ୟମାନେ।

ବେଶ୍ ଆଦୃତ ଲାଭ କରିଛି। ଜିଲାର କୃଷକ ଓ ଉଦ୍ୟୋଗୀମାନେ ମଧ୍ୟ ପିଏମ୍‌ଇଜିପି ଓ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଭଲ କାମ କରି ଚାଲିଛନ୍ତି। ତେଣୁ ବ୍ୟାଙ୍କଗୁଡିକ ଉଦାର ହୋଇ ଋଣ ପାଇଁ ଆବେଦନ କରିଥିବା କୃଷକ, ଯୁବକ, ଉଦ୍ୟୋଗୀ, ଏସ୍ଏଚ୍‌ଜିକୁ ଅଧିକରୁ ଅଧିକ ଋଣ ଦିଅନ୍ତୁ। ଜିଲାରେ ଉଦ୍ୟୋଗଗୁଡିକ ସଫଳ ହେଲେ ସ୍ଥାନୀୟ ପିଲାଙ୍କୁ ନିଯୁକ୍ତି ମିଳିପାରିବ। ଏହାଦ୍ୱାରା ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆସିପାରିବ। ବଳରାମ ଯୋଜନାରେ ଜିଲାର କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀ କୃଷି ଋଣ ପାଇ ଉପକୃତ ହୋଇପାରିବେ। ଜଗତ୍‌ସିଂହପୁର ଜିଲା ଯେପରି ଚଳିତ ବର୍ଷ ସୁନାମ ଅର୍ଜନ କରିବ ସେ ଦିଗରେ ବ୍ୟାଙ୍କଗୁଡିକ ଦାୟିତ୍ୱବାନ ହେବେ ବୋଲି ଜିଲାପାଳ ଆଶା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାଶ ସାମାଜିକ ଦୃଷ୍ଟିକୋଣକୁ ବିଚାରକୁ ନେଇ ବ୍ୟାଙ୍କଗୁଡିକ ଜିଲାର ଉଦ୍ୟୋଗୀ, କୃଷକ ଓ ଏସ୍ଏସ୍‌ଜିଗୁଡିକଙ୍କୁ ଋଣ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ କହିଥିଲେ, ଋଣ ପ୍ରଦାନ ଦ୍ୱାରା ଜିଲାର ଗରିବ ଲୋକଙ୍କ ଅର୍ଥନୈତିକ ଅଭିବୃଦ୍ଧି ହୋଇପାରିବ। କୃଷକ, ଶ୍ରମିକ, ବେକାର ଯୁବତୀଯୁବକମାନେ ମୁଦ୍ରା ଯୋଜନାରେ ଋଣ ନେଇ ଆତ୍ମ ନିଯୁକ୍ତି ପାଇପାରିବେ। କିନ୍ତୁ ହିତାଧିକାରୀମାନେ ଠିକ୍ ସମୟରେ ବ୍ୟାଙ୍କ ଋଣ ଶୁଝିବା ଦରକାର। ଋଣ ଅର୍ଥର ସୁବିନିଯୋଗ ହେଲେ ଲାଭ ମିଳିବ ବୋଲି ଭୋଇ କହିଥିଲେ। ଏସ୍ଏଲ୍‌ବିସି ଲିଙ୍ଗରାଜ ନାୟକ କହିଥିଲେ, ବ୍ୟାଙ୍କ କର୍ମଚାରୀ, ସରକାରୀ ଅଧିକାରୀ, ଗ୍ରାହକ ଓ ଜନପ୍ରତିନିଧି ସମସ୍ତଙ୍କ ଜନ ଭାଗିଦାରୀତାରେ ଋଣ ସଂଯୋଗୀକରଣ ସମ୍ଭବ। କୃଷି, କୃଷି ସାମଗ୍ରୀ, ଉଦ୍ୟୋଗ, ଦୁଗ୍ଧ ଏବଂ ଦୁଗ୍ଧଜାତୀୟ ଉତ୍ପାଦନରେ ଜଗତ୍‌ସିଂହପୁର ଜିଲା ଅଗ୍ରଣୀ। ତେଣୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, କିଷାନ କ୍ରେଡିଟ୍ କାର୍ଡ, ସମନ୍ୱିତ କୃଷି ଯୋଜନା, ଉଦ୍ୟାନ କୃଷି, ବଳରାମ ଯୋଜନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଯୋଜନାରେ ବ୍ୟାଙ୍କରମାନେ ଋଣ ମଞ୍ଜୁର କରି ଜଗତ୍‌ସିଂହପୁରକୁ ଏକ ଅଗ୍ରଣୀ ଜିଲାରେ ପରିଣତ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନାବାର୍ଡ ଡିଡିଏମ୍ ବିଶ୍ୱଭୂଷଣ ମହାନ୍ତି, ଆର୍‌ସେଟି ନିର୍ଦ୍ଦେଶକ ରାଜଲକ୍ଷ୍ମୀ ମହାନ୍ତି ଯୋଗଦେଇ ଆଉଟ୍‌ରିଚ୍ ପ୍ରୋଗ୍ରାମର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଯୋଜନା ଓ ଋଣ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ ପାଇଁ ୟୁକୋ, କାନାରା, ୟୁନିୟନ, ଆଇସିଆଇସିଆଇ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ବ୍ୟାଙ୍କ ଅଫ ବରୋଦା ପକ୍ଷରୁ ଷ୍ଟଲମାନ ଖୋଲାଯାଇଥିଲା। ୟୁକୋର ଅଗ୍ରଣୀ ବ୍ୟାଙ୍କ ମ୍ୟାନେଜର ଚିନାରୀ ବାପୁଜୀ ସୁବୁଦ୍ଧି କାର୍ଯ୍ୟକ୍ରମ ପରିଚାଳନା ସହ ଶେଷରେ ଧନ୍ୟବାଦ ଦେଇଥିଲେ।

## ସୋସିଆଲ ମିଡିଆରେ ଯୁବକଙ୍କୁ ବ୍ଲାକମେଲ, ଅଭିଯୁକ୍ତ ଗିରଫ

ପାରାଦୀପ,୮।୬(ସ୍ୱ.ପ୍ର.):

ପାରାଦୀପ ଆଦର୍ଶ ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଫଟୋକୁ ବ୍ୟବହାର କରି ସୋସିଆଲ ମିଡିଆ ଫେସ୍‌ବୁକ ଜରିଆରେ ଅନେକ ଯୁବକଙ୍କୁ ବ୍ଲାକମେଲ କରୁଥିବା ଯୁବକଙ୍କୁ ବୁଧବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ନଂ.୫୨/୨୨ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ହେଲେ ଥାନା ଅନ୍ତର୍ଗତ ଉଦୟବଟ ବସ୍ତିର ରଣଜିତ ବୋଷ (୩୩)। ସେ ୨୦୧୯ରେ ଜଣେ ଯୁବତୀଙ୍କ ନାମରେ ଏକ ଫେକ ଫେସ୍‌ବୁକ ଆକାଉଣ୍ଟ ଖୋଲିଥିଲେ। ପରେ ସମ୍ପୃକ୍ତ ଯୁବତୀଙ୍କ ଫଟୋକୁ ଏଡିଟିଂ କରି ନଗ୍ନ ଫଟୋ ଭିଡିଓ ଜରିଆରେ ଅନେକ ଯୁବକଙ୍କୁ ଫସାଇ ଆର୍ଥିକ ଶୋଷଣ କରୁଥିଲେ। ଯେଉଁ ଯୁବତୀଙ୍କ ଫଟୋ ବ୍ୟବହାର କରିଥିଲେ ସେ ଜାଣିବା ପରେ ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଏହି ନଗ୍ନ ଫଟୋ ଭିଡିଓ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ। ଗତ ଫେବୃଆରୀ ୧୭ ରେ ଏ ନେଇ ଯୁବତୀଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହାକୁ ବିଭିନ୍ନ ବୈଷୟିକ ବିଶେଷଜ୍ଞଙ୍କ ସହାୟତା ନେଇ ବୋଷଙ୍କୁ ଗିରଫ କରିଛି। ତାଙ୍କ ପାଖରୁ ୨ଟି ସ୍ମାର୍ଟ ଫୋନ ଜବତ କରି ଅଧିକ ତଥ୍ୟ ପାଇଁ ଫରେନସିକ୍ ବିଶେଷଜ୍ଞଙ୍କ ନିକଟକୁ ପଠାଇ ଦିଆଯାଇଛି।

# ଟାଟା ପାୱାର ଅଫିସ ଘେରିଲେ ମହିଳା


ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ମହିଳାମାନେ ବସି ରହିଛନ୍ତି।

## ଲୋ ଭୋଲ୍‌ଟେଜ, ବିଦ୍ୟୁତ୍ କାଟ୍

ରଘୁନାଥପୁର,୮।୬(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ଟାଟା ପାୱାର କାର୍ଯ୍ୟାଳୟ ଅଧୀନରେ ଥିବା ବିଭିନ୍ନ ଗ୍ରାମର ବିଦ୍ୟୁତ୍ ସମସ୍ୟା ଲୋକଙ୍କୁ ଅସ୍ତବ୍ୟସ୍ତ କରିପକାଉଛି। ବାରମ୍ବାର ଏ ସମ୍ପର୍କରେ ଅଭିଯୋଗଠାରୁ ଆରମ୍ଭ କରି ଆନ୍ଦୋଳନ ହେଉଥିଲେ ସୁଦ୍ଧା ଅବସ୍ଥା ସୁଧୁରିବା ପରିବର୍ତ୍ତେ ବଢ଼ି ବଢ଼ି ଚାଲିଛି। ବୁଧବାର ମାଣପୁର ଦଳିତ ସାହିରେ ଲୋଭୋଲ୍‌ଟେଜ ଓ ଅଘୋଷିତ ବିଦ୍ୟୁତ୍‌କାଟ ସମସ୍ୟାକୁ ନେଇ ମହିଳାମାନେ ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି।

ଅସହ୍ୟ ଗ୍ରୀଷ୍ମରେ ଲୋକେ ଆଉଟୁପାଉଟୁ ହେଉଥିବା ବେଳେ ଲୋଭୋଲ୍‌ଟେଜ ଯୋଗୁ ଫ୍ୟାନଟିଏ ଠିକ୍ ଭାବେ ବୁଲୁ ନାହିଁ। ସେହିପରି ସଞ୍ଜ ନଇଁଲେ ଆଲୁଅ ମିଞ୍ଜିମିଞ୍ଜି ଜଳୁଛି। ପ୍ରବଳ ତାତି ସମୟରେ ମନଇଚ୍ଛା ଲାଇନ୍ କାଟି ଦିଆଯାଉଛି। ପଚାରିଲେ ଲାଇନ ଫଲ୍ଟ ପାଇଁ ବ୍ରେକ୍‌ଡାଉନ ନିଆଯାଇଛି ବୋଲି କର୍ମଚାରୀଙ୍କଠାରୁ ଉତ୍ତର ମିଳୁଛି। ଏହା ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ଘଟିବା ସହ ଫ୍ୟାନ୍ ପବନ ବିନା ଚଳିବା କଷ୍ଟକର ହୋଇପଡୁଛି ବୋଲି ଲତିକା ବେହେରା ଓ ଲକ୍ଷ୍ମୀପ୍ରିୟା ବେହେରା ଅଭିଯୋଗ କରିଛନ୍ତି। ଏପରିକି ଖୁଣ୍ଟଟାଏ ପକେଇବା ପାଇଁ କୁହାଯାଉଥିଲେ ସୁଦ୍ଧା ସମ୍ପୃକ୍ତ କର୍ମଚାରୀ କର୍ଣ୍ଣପାତ କରୁନାହାନ୍ତି ବୋଲି ଟୁକୁନି ଦାସ ଓ କୁନି ଭୋଇ କହିଛନ୍ତି। ଏହାଛଡ଼ା ଗୋଟିଏ ଟ୍ରାନ୍ସଫର୍ମର ଅଧୀନରେ ଏକଶହ କମ୍ପ୍ୟୁଟର ନିର୍ଭର କରୁଥିବା ବେଳେ ବିଦ୍ୟୁତ୍ ବିଭାଗ ନୂତନ ଟ୍ରାନ୍ସଫର୍ମର ବସେଇବାକୁ ପଦକ୍ଷେପ ନେଉନାହିଁ ବୋଲି ମହିଳାମାନେ ଅଭିଯୋଗ କରିଛନ୍ତି। କାର୍ଯ୍ୟାଳୟ ସମ୍ମୁଖରେ ମହିଳାମାନେ ଦୀର୍ଘ ସମୟ ଧାରଣା ଦେବା ପରେ ଏସ୍‌ଡିଓଙ୍କ ଅନୁପସ୍ଥିତିରେ ଯନ୍ତ୍ରୀ ହୃଷୀକେଶ ଦାସ ସେମାନଙ୍କ ପାଖରେ ପହଞ୍ଚି ଦୁଇଦିନ ଭିତରେ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ ମହିଳାମାନେ ଧାରଣାରୁ ହଟିଥିଲେ। ଧାରଣାରେ କୁନି ଦେଇ, ସୀତାରାଣୀ ବେହେରା, ପ୍ରେମଲତା ବେହେରା, ନୟନା ଭୋଇ, ମାନି ଭୋଇ, ଓଷା ଭୋଇ ଓ ସୁଲୋଚନା ଭୋଇ ଏଠାରେ ଉପସ୍ଥିତ ଥିଲେ।

## ଶିବାଜୀ ପଟ୍ଟନାୟକଙ୍କ ସ୍ମୃତିସଭା

କେନ୍ଦ୍ରାପଡ଼ା ଅଫିସ,୮।୬

କେନ୍ଦ୍ରାପଡ଼ା ସହର ଖଡ଼ିଅଙ୍ଗସ୍ଥିତ ସିପିଏମ୍ କାର୍ଯ୍ୟାଳୟରେ କମ୍ୟୁନିଷ୍ଟ ନେତା ଶିବାଜୀ ପଟ୍ଟନାୟକଙ୍କ ସ୍ମୃତିଚାରଣ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି । ଜିଲା ସମ୍ପାଦକ ଗୟାଧର ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷା ସରିତା ସାହୁ, ମୁଖ୍ୟବକ୍ତା ରାଜ୍ୟ ସମ୍ପାଦକ ଦୁଷ୍ମନ୍ତ ଦାସ, ସମ୍ମାନିତ ଅତିଥି ବରିଷ୍ଠ କଂଗ୍ରେସ ନେତା ଗଣେଶ୍ୱର ବେହେରା, ଶିକ୍ଷାବିତ୍ ନନ୍ଦ କିଶୋର ପରିଡ଼ା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହେରା, ପୂର୍ବତନ ପୌରାଧ୍ୟକ୍ଷ ଧୀରେନ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଅତିଥିମାନେ ଶିବାଜୀଙ୍କ ସାମାଜିକ ସେବା, ଦଳ ପ୍ରତି ନିଷ୍ଠା ସମ୍ପର୍କରେ ମତ ରଖିଥିଲେ। ଏହି ସଭାରେ ବହୁ ବୁଦ୍ଧିଜୀବୀ, ଦଳୀୟ କାର୍ଯ୍ୟକର୍ତ୍ତା ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ସଙ୍କଳ୍ପ ଓ ସିଦ୍ଧି ଶିବିର

ପାରାଦୀପ,୮।୬(ସ୍ୱ.ପ୍ର.):

ପାରାଦୀପ ମଧୁବନସ୍ଥ ଅଫିସର୍ସ କ୍ଲବଠାରେ ମଙ୍ଗଳବାର ସନ୍ଧ୍ୟାରେ ସଂକଳ୍ପ ଓ ସିଦ୍ଧି ଶିବିର ଆୟୋଜନ କରାଯାଇଥିଲା। ଏହାକୁ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଇଥିଲା। ଏଥିରେ ଶତାଧିକ ଲୋକ ସାମିଲ ହୋଇଥିଲେ। ପରିବାର ଚଳାଇବା ବେଳେ କ'ଣ ଆବଶ୍ୟକ ସେ ସମ୍ପର୍କରେ ଭଉଣୀ ସୁମନ ଓ ଅନ୍ୟ ସାଧିକାମାନେ କହିଥିଲେ।




# ସ୍ୱାସ୍ଥ୍ୟ, ଜଳ ନିଷ୍କାସନ ସମସ୍ୟା ଉପରେ ଗୁରୁତ୍ୱ


୫–ଟି ସଚିବ ଭି.କେ,ପାଣ୍ଡିଆନଙ୍କ ସହ ଅଧକ୍ଷା ଓ ଉପାଧ୍ୟକ୍ଷ ଆଲୋଚନା କରୁଛନ୍ତି।

## କୁଜଙ୍ଗ ବ୍ଲକ ଅଧ୍ୟକ୍ଷାଙ୍କ ୫–ଟି ସଚିବଙ୍କୁ ଭେଟିଲେ

କୁଜଙ୍ଗ, ୮।୬ (ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ଅଧ୍ୟକ୍ଷା ନିନାରାଣୀ ସାହୁ ବୁଧବାର ଭୁବନେଶ୍ୱରଠାରେ ୫–ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ ସାକ୍ଷାତ ଅବସରରେ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଶେଷକରି ବ୍ଲକ ଅଞ୍ଚଳରେ ଲାଗି ରହିଥିବା ସ୍ୱାସ୍ଥ୍ୟ ଓ ଜଳ ନିଷ୍କାସନ ସମସ୍ୟାର ସମାଧାନ ନିମନ୍ତେ ସଚିବଙ୍କୁ ଅନୁରୋଧ କରିଥିବା ଅଧ୍ୟକ୍ଷା ସାହୁ କହିଥିଲେ। ସେ ଅବଗତ କରାଇଥିଲେ, ପାରାଦୀପ ବନ୍ଦର ଉପକଣ୍ଠ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଶିଳ୍ପାଞ୍ଚଳ ସମେତ କୁଜଙ୍ଗ ବ୍ଲକର ୨୮ଟି ପଞ୍ଚାୟତ ଓ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଓ ଗରଦପୁର ବ୍ଲକର ପାଖାପାଖି ୧୦ଟି ପଞ୍ଚାୟତର ଲୋକ ନିର୍ଭରଶୀଳ। କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିମନ୍ତେ ଅଧୀକ୍ଷକଙ୍କ ସମେତ ଜଣେ ସ୍ତ୍ରୀ ଓ ପ୍ରସୂତି ରୋଗ ଡାକ୍ତର, ଶିଶୁ ରୋଗ, ସର୍ଜରୀ, ଭେଷଜ ବିଶେଷଜ୍ଞ ଓ ଜଣେ ଏମ୍‌ବିବିଏସ୍ ଏହିପରି ୬ଜଣ ଡାକ୍ତର ପଦବୀ ଅନୁମୋଦିତ। ହେଲେ ଜଣେ ହେଲେ ବିଶେଷଜ୍ଞ ନିଯୁକ୍ତି ପାଇ ନ ଥିବା ବେଳେ ଅଧୀକ୍ଷକ ଓ ଜଣେ ଏମବିବିଏସ୍ ଡାକ୍ତରଙ୍କୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଛି। ଅଧୀକ୍ଷକ ବହୁ ସମୟ ସରକାରୀ କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସମ୍ଭବ ହେଉନି। ଆହୁରି ମଧ୍ୟ ପାରାଦୀପ ବନ୍ଦରାଞ୍ଚଳ ଓ ଏରସମା ଥାନା ସମେତ ୭ଟି ଥାନା ଅଞ୍ଚଳର ମୃତଦେହ ବ୍ୟବଚ୍ଛେଦ ଏହିଠାରେ ହୁଏ। ତେଣୁ ଖାଲିଥିବା ଡାକ୍ତର ପଦବୀ ତୁରନ୍ତ ପୂରଣ କରିବାକୁ ସେ ନିବେଦନ କରିଥିଲେ। କୁଜଙ୍ଗ ବଜାରରୁ ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବର୍ଷା ଋତୁରେ ବଜାରରେ ପାଣି ଜମୁଛି। ଅନ୍ୟପକ୍ଷରେ ପ୍ରାକୃତିକ ଜଳ ନିଷ୍କାସନ ପଥ ଅବରୋଧ ରହିବା ଯୋଗୁ ଗାଁ ଗଣ୍ଡା ଓ ଚାଷଜମି ଜଳମଗ୍ନ ହୋଇ ରହିବାରୁ ଜନସାଧାରଣ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ତେଣୁ ଏହାର ସ୍ଥାୟୀ ନିରାକରଣ ନିମନ୍ତେ ପଦକ୍ଷେପ ନେବାକୁ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଲୋଚନା ସମୟରେ ବ୍ଲକ ଉପାଧ୍ୟକ୍ଷ ଜ୍ଞାନଜିତ ସ୍ୱାଇଁ ଉପସ୍ଥିତ ଥିଲେ।

# ମୃତା କାଠଯୋଡିରେ ନିର୍ମାଣ ଚାଲିଛି ସ୍ଥାୟୀ ଘର

## ତହସିଲଦାରଙ୍କୁ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନାହିଁ

ରଘୁନାଥପୁର,୮।୬(ଡି.ଏନ.ଏ.)


ନଦୀ ଶଯ୍ୟାରେ ନିର୍ମାଣ ଚାଲିଥିବା ଗୃହ।

ରଘୁନାଥପୁର ତହସିଲ ଅନ୍ତର୍ଗତ ତଅଁରା ଓ ରେଢୁଆ ମଧ୍ୟ ଭାଗରେ ବହିଯାଇଥିବା ମୃତା କାଠଯୋଡି ଶଯ୍ୟାର ମୁଣ୍ଡାଳଠାରେ ସ୍ଥାୟୀ ପକ୍କା ଘର ଜଣେ ବ୍ୟକ୍ତି ନିର୍ମାଣ କରୁଛନ୍ତି। ତହସିଲଦାରଙ୍କୁ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଏ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ନଦୀ ଶଯ୍ୟାରେ ଗୃହ ନିର୍ମାଣ ଦ୍ୱାରା ବର୍ଷାଦିନେ ଜଳ ନିଷ୍କାସନରେ ସମସ୍ୟା ଉପୁଜି ଶତାଧିକ ହେକ୍ଟର ଚାଷଜମି ଜଳମଗ୍ନ ହେବ। ସ୍ଥାନୀୟ ଅଞ୍ଚଳରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ଆଶଙ୍କାରେ ଜଗତ୍‌ସିଂହପୁର ଜିଲା କୃଷକ ସଙ୍ଗଠନ ପକ୍ଷରୁ ଏ ସମ୍ପର୍କରେ ମେ ୨୧ ତାରିଖରେ ତହସିଲଦାର ରୁପାଲିକା ଦାଶଙ୍କୁ ଅଭିଯୋଗ କରାଯାଇଥିଲା। ତହସିଲଦାର ଦାଶ ଅଭିଯୋଗ ସମ୍ପର୍କରେ ତଦନ୍ତ କରି ଉକ୍ତ ସ୍ଥିତିବାନ ଜମିର କିସମ ଘରବାରି ନ ଥିବା ଏବଂ ମୃତା ନଦୀ ଶଯ୍ୟାରେ ସ୍ଥାୟୀ ପକ୍କା ଗୃହ ନିର୍ମାଣ ହେଉଥିବା ସତ୍ୟ ବୋଲି ପ୍ରକାଶ କରିଥିଲେ। ସଙ୍ଗଠନର ସଭାପତି ଗୋବିନ୍ଦ ଚନ୍ଦ୍ର ଜେନା ଓ ସମ୍ପାଦକ ବାବାଜୀ ଚରଣ ଜେନା ତୁରନ୍ତ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତହସିଲଦାରଙ୍କୁ ଅନୁରୋଧ କରିଥିଲେ। ତଦନ୍ତ ହେବା ପରଠାରୁ କିଛିଦିନ ପର୍ଯ୍ୟନ୍ତ ଗୃହ ନିର୍ମାଣ କାର୍ଯ୍ୟ ବନ୍ଦ ରହିବା ପରେ ଏବେ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି।

ସୂଚନାଯୋଗ୍ୟ, ଉକ୍ତ ନଦୀଟି ତରିକୁନ୍ଦ ପଞ୍ଚାୟତ ନୂଆଦାଠାରୁ ବାହାରି ୧୪ କିମି ଅତିକ୍ରମ କରି ନାଳିବାରଠାରେ ହଂସୁଆ ସଫେଇରେ ମିଶିଛି। କାଳକ୍ରମେ ଉକ୍ତ ନଦୀଟିରେ ବର୍ଷା ୪ ମାସକୁ ଛାଡି ବର୍ଷ ସାରା ଜଳ ପ୍ରବାହ ନ ହେବାରୁ ଏହାର ଉଭୟ ପାର୍ଶ୍ୱରେ ଥିବା ଲୋକ ନଦୀ ଶଯ୍ୟାରେ ଚାଷ କାର୍ଯ୍ୟ କଲେ। ଦଖଲ ମୁତାବକ ସରକାରଙ୍କ ପକ୍ଷରୁ ଏମାନଙ୍କୁ ଚାଷ କରିବାକୁ ପଟ୍ଟା ପ୍ରଦାନ କରାଯାଇଥିଲା। ଡ୍ରେନେଜ ବିଭାଗ ପକ୍ଷରୁ ବର୍ଷାଦିନେ ଜଳ ନିଷ୍କାସନ ପାଇଁ ମୃତା କାଠଯୋଡିରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଥିବାବେଳେ, ଏହାର ଶଯ୍ୟାରେ ଘର ନିର୍ମାଣ ପାଇଁ କିପରି ଅନୁମତି ପ୍ରଦାନ କରାଗଲା, ଏହା ତଦନ୍ତ ହେବା ଜରୁରୀ ହୋଇପଡିଛି। ଉକ୍ତ ଘର ନିର୍ମାଣ ପଛରେ ପ୍ରଶାସନିକ ଅଧିକାରୀ ଓ ନେତାଙ୍କ ସହଯୋଗ ରହିଥିବା ଚର୍ଚ୍ଚା ହେଉଛି। ଧୀରେ ଧୀରେ ଜନଅସନ୍ତୋଷ ତେଜିବାରେ ଲାଗିଛି। ସ୍ଥାନୀୟ ଅଞ୍ଚଳର କେତେଜଣ ମୁଷ୍ଟିମେୟ ବ୍ୟକ୍ତି ଏହି କାର୍ଯ୍ୟରେ ତାଙ୍କୁ ସହଯୋଗ କରୁଥିବା ମଧ୍ୟ ଲୋକେ ଅଭିଯୋଗ କରିଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି। ଏହାଛଡା ସ୍ଥାନୀୟ ଜନସାଧାରଣ ଏ ସମ୍ପର୍କରେ ରାଜସ୍ୱ ସଚିବଙ୍କୁ ଅଭିଯୋଗ କରିବାକୁ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି।

# ୭୫ ରୂପାନ୍ତରଣ ବିଦ୍ୟାଳୟ ଲୋକାର୍ପିତ

ଜଗତ୍‌ସିଂହପୁର ଅଫିସ, ୮।୬

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଦ୍ୱିତୀୟ ପର୍ଯ୍ୟାୟରେ ୫–ଟି ଅନ୍ତର୍ଗତ ଜଗତ୍‌ସିଂହପୁର ଜିଲାର ୭୫ଟି ରୂପାନ୍ତରିଣ ହାଇସ୍କୁଲକୁ ଲୋକାର୍ପିତ କରିଛନ୍ତି। ସେଗୁଡିକ ମଧ୍ୟରେ ବାଲିକୁଦା ବ୍ଲକର ୧୨ଟି ଉଚ୍ଚ ବିଦ୍ୟାଳୟ, ବିରିଡିର ୯ଟି, ଏରସମାର ୩ଟି, କୁଜଙ୍ଗର ୯ଟି, ନାଉଗାଁର ୭ଟି, ତିର୍ତ୍ତୋଲର ୧୩ଟି, ରଘୁନାଥପୁରର ୬ଟି, ଜଗତସିଂହପୁର ବ୍ଲକର ୧୧ଟି, ଜଗତସିଂହପୁର ପୌର ପରିଷଦର ୩ଟି ଏବଂ ପାରାଦୀପ ପୌର ପରିଷଦର ୨ଟି ଉଚ୍ଚ ବିଦ୍ୟାଳୟ ରହିଛି। ଏ ନେଇ ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ହାଇସ୍କୁଲ ପରିସରରେ ଆୟୋଜିତ ଉତ୍ସବରେ ସରକାରୀ ଦଳ ମୁଖ୍ୟ ସଚେତକ ତଥା ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିତାର ଭୂୟସୀ ପ୍ରଶଂସା କରିଥିଲେ। ସେ କହିଥିଲେ, ଶିକ୍ଷା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ସାରା ଦେଶରେ ବୈପ୍ଳବିକ ଧାରା ଆରମ୍ଭ କରିଛନ୍ତି। ଜଗତ୍‌ସିଂହପୁର ଜିଲା ପାଇଁ ଆଜି ହେଉଛି ଏକ ଐତିହାସିକ ଦିନ। ଗୋଟିଏ ଦିନରେ ଜିଲାର ୭୫ଟି ରୂପାନ୍ତରଣ ହାଇସ୍କୁଲ ଲୋକାର୍ପିତ ହେବା ଆମ ସମସ୍ତଙ୍କ



ଉତ୍ସବରେ ଶାସକ ଦଳ ମୁଖ୍ୟ ସଚେତକ ତଥା ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଏମ୍‌ପି ରାଜଶ୍ରୀ ମଲ୍ଲିକ ଓ ଅନ୍ୟମାନେ।

### ଜଗତ୍‌ସିଂହପୁର ଜିଲା

ପାଇଁ ଗର୍ବର କଥା। ଏବେ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଲାଭ କରୁଥିବା ପିଲାମାନେ ଗର୍ବରେ ସହ କହି ପାରୁଛନ୍ତି ଆମ ସ୍କୁଲ ଶ୍ରେଷ୍ଠ ସ୍କୁଲ। ତାହା କେବଳ ୫–ଟି ରୂପାନ୍ତରଣ ଯୋଜନାରେ ସଫଳ ହୋଇପାରିଛି। ଉଚ୍ଚ ବିଦ୍ୟାଳୟଗୁଡିକରେ ଶିକ୍ଷାରମାନ ବୃଦ୍ଧି ନେଇ ଚେଷ୍ଟା ଚାଲିଛି। ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ଆଡକୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଭିତ୍ତିଭୂମିର ବିକାଶ କରାଯାଉଛି। ଅତ୍ୟାଧୁନିକ ଲାଇବ୍ରେରୀ, ଲାବୋରେଟୋରୀ, ଶ୍ରେଣୀ ଗୃହ, ଉପଯୁକ୍ତ କ୍ରୀଡା ଭିତ୍ତିଭୂମି ସହ ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା ଓ ଅନ୍ୟ ସୁବିଧା ସୁଯୋଗ ଉପଲବ୍ଧ କରାଯାଉଛି। ଏହାଦ୍ୱାରା ସରକାରୀ ବିଦ୍ୟାଳୟ ପ୍ରତି ଛାତ୍ରୀଛାତ୍ର ଓ ଅଭିଭାବକମାନେ ଆକର୍ଷିତ ହେବେ ବୋଲି ମୁଦୁଲି କହିଥିଲେ। ଜିଲାପାଳ ପାରୁଲ ପଟାୱରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ରାଜଶ୍ରୀ ମଲ୍ଲିକ, ପୂର୍ବତନ ମନ୍ତ୍ରୀ ତଥା ବାଲିକୁଦା–ଏରସମା ବିଧାୟକ ରଘୁନନ୍ଦନ ଦାସ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଓ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରୀ ବିଦ୍ଦୁଜା ଦେବଶ୍ରୀତା ସ୍ୱାଇଁ ବିଦ୍ୟାଳୟ ରୂପାନ୍ତରଣର ସୁଫଳ ଓ ନିଜ ଅଭିଜ୍ଞତାର ପରିପ୍ରକାଶ ସହ ମୁଖ୍ୟମନ୍ତ୍ରୀ ଓ ୫–ଟି ସଚିବ ଭି.କେ. ପାଣ୍ଡିଆନଙ୍କ ନିକଟରେ କୃତଜ୍ଞତା ଜଣାଇଥିଲେ। ଉତ୍ସବରେ ପୁରାତନ ଛାତ୍ରୀଛାତ୍ରୀ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକ, ଜିଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ଓ ଜିଲାର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ସୂଚନାଯୋଗ୍ୟ ଯେ ପୂର୍ବରୁ ଜଗତ୍‌ସିଂହପୁର ଜିଲାରେ ପ୍ରଥମ ପର୍ଯ୍ୟାୟରେ ୧୪ଟି ବିଦ୍ୟାଳୟ ରୂପାନ୍ତରଣ ପରେ ଲୋକାର୍ପିତ ହୋଇସାରିଛି।

## ସଂକ୍ଷେପରେ

### ମା'ଙ୍କ ପିଣ୍ଡଦାନ କରିବାକୁ ଆସି ବୁଡ଼ିଗଲେ ପୁଅ

**ଯାଜପୁର ଟାଉନ,୮।୬(ଡି.ଏନ.ଏ.):** ଯାଜପୁର ଦଶାଶ୍ୱମେଧଘାଟକୁ ପିଣ୍ଡଦାନ କରିବାକୁ ଆସିଥିବା ଜଣେ ବ୍ୟକ୍ତି ବୁଧବାର ବୈତରଣୀ ନଦୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ସେ ହେଲେ କଟକ ମଣିସାହୁଛକର ପ୍ରଦୀପ କୁମାର ବୋଷ(୫୭)। ପ୍ରଦୀପ ତାଙ୍କ ମା'ଙ୍କ ପିଣ୍ଡଦାନ କରିବାକୁ ଆସିଥିଲେ। ପିଣ୍ଡଦାନ କରି ବୈତରଣୀ ନଦୀରେ ବୁଡ଼ ପକାଇ ଥିଲେ। ତେବେ ଏହି ସମୟରେ ତାଙ୍କ ଗୋଡ଼ ଖସିଯିବାରୁ ସେ ନଦୀରେ ବୁଡିଯାଇଥିଲେ। ଖବର ପାଇ ଦମକଳ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ମାତ୍ର ସେତେବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀର ସାଂଗଠନିକ ସଭା

**ଯାଜପୁର ସଦର,୮।୬ (ଡି.ଏନ୍.ଏ.):** ଯାଜପୁର ସହର ନିକଟସ୍ଥ ବାବା ଅଭୟ ନୃସିଂହ ମନ୍ଦିର ପ୍ରାଙ୍ଗଣରେ ପୁରୀ ଗୋବର୍ଦ୍ଧନ ପୀଠ ଜଗତଗୁରୁ ଶଙ୍କରାଚାର୍ଯ୍ୟ ଆଦିତ୍ୟବାହିନୀ ଓ ଆନନ୍ଦ ବାହିନୀ ପୀଠ ପରିଷଦର ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥିଭାବେ ବିଦ୍ୟାଭୂଷଣ ଗୌର ଶ୍ୟାମାନନ୍ଦ ଜୀ ଦାଶ ମହାରାଜ(ପୁରୀ), ମୁଖ୍ୟବକ୍ତା ଦକ୍ଷିଣ ବ୍ରହ୍ମବେଦୀ ଭାଗବତ ପ୍ରଚାର ସମିତିର ଅଧକ୍ଷ ସୁଧୀର କୁମାର ପଣ୍ଡା, ଗୋବର୍ଦ୍ଧନ ପୀଠ ସେବା ସଚିବ ବରୁଣ କୁମାର ସାହୁ, ଭଦ୍ରକ ଶାଖା ସଭାପତି ସୂର୍ଯ୍ୟମଣି ଧଳ, ଯାଜପୁର ବଜରଙ୍ଗ ଦଳ ସଭାପତି ଅରବିନ୍ଦ ଦାସ, ଯାଜପୁର କ୍ଷେତ୍ରୀୟ ସମ୍ପାଦକ ପଣ୍ଡିତ ଲୋକାନାଥ ପଣ୍ଡା, ଆଦିତ୍ୟ ବାହିନୀ ଯାଜପୁର ଶାଖାର ଦୁର୍ଗାମାଧବ ଦୀକ୍ଷିତ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ସନାତନ ଧର୍ମର ପ୍ରଚାର ପ୍ରସାର, ହିନ୍ଦୁଧର୍ମର ଅଖଣ୍ଡତା, ଗୋହତ୍ୟା ବନ୍ଦ, ସମାଜସେବା, ସାରାବିଶ୍ୱରେ ପୂଜ୍ୟପାଦ ଗୁରୁଜୀ ଯେଉଁ ଦିଗ୍‌ଦର୍ଶନ ସୃଷ୍ଟି କରିଛନ୍ତି ତାହାକୁ ସାଂଗଠନିକସ୍ତରରେ ଆଗେଇ ନେବା ଓ ସୁସ୍ଥ ସମାଜଗଠନ ଉଦ୍ଦେଶ୍ୟରେ ଆଲୋକପାତ କରିଥିଲେ। ଅଭୟ ନୃସିଂହ ଆଦିତ୍ୟ ବାହିନୀ ଶାଖା ସଭାପତି ପ୍ରଦୀପ କୁମାର ବେହୁରିଆ ଓ ଆଦିତ୍ୟ କୁମାର ପଣ୍ଡା କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଏହି ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବରିଷ୍ଠ ସଭ୍ୟ ରାମକୃଷ୍ଣ ବେହୁରିଆ, ଅଳକା ନାୟକଙ୍କ ସମେତ ଶାଖାର ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶେଷ କରି ଗୋ-ସୁରକ୍ଷା ଗୋହତ୍ୟା ବନ୍ଦର କର୍ଣ୍ଣଧାର ଶ୍ରୀକାନ୍ତ ସାହୁ, ଓଡ଼ିଶା ବିକଳାଙ୍ଗ ମଞ୍ଚ ସଭାପତି ଆଦିତ୍ୟ କୁମାର ପଣ୍ଡାଙ୍କୁ ମୁଖ୍ୟଅତିଥି ଗୌର ଶ୍ୟାମାନନ୍ଦ ଜୀ ଦାଶ ମହାରାଜ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରିବା ସହ ଉତ୍ସାହିତ କରିଥିଲେ। ଶେଷରେ ବିରଜା ସାହିତ୍ୟ ସଂସ୍କୃତି ଗବେଷଣା ପରିଷଦର ବାର୍ତ୍ତା ସମ୍ପାଦକ ମୀନକେତନ ସାହୁ ଧନ୍ୟବାଦ ଦେଇଥିଲେ।

# ବ୍ରିଜ୍ କୋର୍ସ ସଫଳତା ଆକଳନ ସମୟ ଘୁଞ୍ଚୁଛି

**ରସୁଲପୁର,୮।୬(ଡି.ଏନ.ଏ.)**

- ଆଶାନୁରୂପ ସଫଳତା ମିଳିଲାନି
- ପ୍ରତିକୂଳ ପାଗ, ସମୟ, ଉପସ୍ଥାନ ସାଜିଲା ବାଧକ

ଆରମ୍ଭରୁ ରସୁଲପୁର ବ୍ଲକରେ ବ୍ରିଜ୍ କୋର୍ସ ସଫଳତା ଅତ୍ୟନ୍ତ ନୈରାଶ୍ୟଜନକ ହୋଇଛି ବୋଲି ଅଭିଯୋଗ ହେଉଛି। ଉକ୍ତ ବ୍ଲକ୍‌ରେ ୨୩୮ ବିଦ୍ୟାଳୟର ୨୦ ହଜାରରୁ ଊର୍ଦ୍ଧ୍ୱ ପିଲାଙ୍କୁ ଏହି କୋର୍ସରେ ସେଭଳି କିଛି ସଫଳତା ମିଳି ନ ଥିବା କୁହାଯାଉଛି। କରୋନା କାଳରେ ପିଲାମାନେ କ୍ଲାସରୁମରେ ହରାଇଥିବା ପାଠପଢ଼ାକୁ ଫେରି ପାଇବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ବ୍ରିଜ୍ କୋର୍ସକୁ ଆଶାନୁରୂପ ସଫଳତା ମିଳିପାରି ନାହିଁ। ପ୍ରତିକୂଳ ପାଣିପାଗ, ସ୍କୁଲ୍ ଖୋଲିବା ଅବଧି, ବିଦ୍ୟାଳୟରେ ଉପସ୍ଥାନ କମ୍ ରହୁଥିବାରୁ ଏହି କୋର୍ସରୁ ପିଲାଙ୍କୁ ସେତେଟା ଲାଭାଦାୟକ ହେଉଥିବା ଭଳି ମନେ ହେଉନାହିଁ। ଏହି କୋର୍ସ ଜରିଆରେ ହୋଇଥିବା ପାଠପଢ଼ା ଓ ସେଥିରୁ ବିଦ୍ୟାର୍ଥୀଙ୍କୁ ମିଳିଥିବା ସଫଳତା ଆକଳନ ଅବଧି ଘୁଞ୍ଚିଯାଉଛି। ଚଳିତ ମାସ ୩ ଓ ୪ ତାରିଖରେ ବ୍ରିଜ୍ କୋର୍ସର ସଫଳତା ଆକଳନ ହେବ ବୋଲି ଦିନ ଧାର୍ଯ୍ୟ କରାଯାଇଥିଲା। ତେବେ ଏହାକୁ ଜୁନ୍ ତୃତୀୟ ସପ୍ତାହକୁ ଘୁଞ୍ଚାଇ ଦିଆଯାଇଛି। ଏହି କ୍ରମରେ ବ୍ରିଜ୍ କୋର୍ସ ଏକ ପ୍ରହସନ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି।

କରୋନା କାଳରେ ୨ବର୍ଷ କ୍ଲାସ୍‌ରୁମ ପାଠପଢ଼ା ବାଧାପ୍ରାପ୍ତ ହୋଇଥିଲା। ଏହି ପାଠପଢ଼ାକୁ ଭରଣା କରିବାକୁ ସରକାର ବ୍ରିଜ୍ କୋର୍ସ ଭଳି ଏକ ନୂଆ ଯୋଜନା ଲାଗୁ କରିଛନ୍ତି। ପ୍ରଥମରୁ ଏକାଦଶ ପିଲାଙ୍କୁ ୨ବର୍ଷରେ ପିଛିଲା କ୍ଲାସରେ ହରାଇଥିବା ପାଠପଢ଼ାକୁ ଏହି କୋର୍ସ ମାଧ୍ୟମରେ ପଢ଼ାଯିବ। ଦଶମ ଓ ଦ୍ୱାଦଶ ଶ୍ରେଣୀର ପିଲାଙ୍କୁ କୋର୍ସରୁ ବାଦ୍ ଦିଆଯିବ। ଏଥିରେ ସାମିଲ ଥିବା ପିଲାଙ୍କୁ ୨ବର୍ଷ ମଧ୍ୟରୁ ପ୍ରଥମ ବର୍ଷ କରୋନା ସମୟର କ୍ଲାସ ମଧ୍ୟରୁ ୪୦ ଶତକଡ଼ା ଓ ଦ୍ୱିତୀୟ ବର୍ଷରୁ ୬୦ଶତକଡ଼ା ହାରରେ ପାଠ ପଢ଼ାଯିବ। ବିଶେଷକରି ଗଣିତ, ଇଂଲିଶ, ବିଜ୍ଞାନ ଭଳି ବିଷୟକୁ ପ୍ରାଧାନ୍ୟ ଦିଆଯିବ। ସପ୍ତାହରେ ଏସବୁ ବିଷୟ ପାଇଁ ୧୨ଟି କ୍ଲାସ ରହିବ। ପ୍ରତ୍ୟେକ କ୍ଲାସର ଅବଧି ୧ ଘଣ୍ଟା ରହିବ। ଏହି କ୍ରମରେ କରୋନା ପ୍ରକୋପ ହ୍ରାସ ହେବାରୁ ଚଳିତବର୍ଷ ଫେବୃୟାରୀରୁ ବିଦ୍ୟାଳୟ ଖୋଲିବାକୁ ସରକାର ଅନୁମତି ଦେଇଥିଲେ। କ୍ଲାସ ପରୀକ୍ଷା ପାଇଁ ପିଲାମାନେ ପ୍ରସ୍ତୁତ ହେବାକୁ ନେଇ ପାଠପଢ଼ା ହୋଇଥିଲା। ପରୀକ୍ଷା ଶେଷ ହେବା ପରେ ବ୍ରିଜ୍ କୋର୍ସରେ ପାଠପଢ଼ା ଯିବାକୁ କୁହାଯାଇଥିଲା। ଏଥିପାଇଁ ସରକାର ଗ୍ରୀଷ୍ମଛୁଟି ଅବଧିକୁ କାଟି ଦେଇଥିଲେ। ଏହି ଅବଧି ମଧ୍ୟରେ ବ୍ରିଜ୍ କୋର୍ସ ଆଧାରରେ ପାଠପଢ଼ା ଯିବ ବୋଲି ଘୋଷଣା କରାଯାଇଥିଲା। ତେବେ ଉପର କ୍ଲାସକୁ ଉତୀର୍ନ୍ନ ହୋଇଥିବା ପିଲାଙ୍କୁ ପୁରୁଣା ପାଠ ପଢ଼ିବାକୁ କୁହାଗଲା। ତେଣେ ଗ୍ରୀଷ୍ମ ସମୟରେ ପ୍ରତ୍ୟହ ସକାଳ ୬ଟାରୁ୯ଟା ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲିବାକୁ ନିର୍ଦ୍ଦେଶ ଦିଆଗଲା। ସେହି ଅନୁଯାୟୀ ବିଦ୍ୟାର୍ଥୀ ବିଦ୍ୟାଳୟରେ ପହଞ୍ଚି ପାରିଲେ ନାହିଁ। ଏମିତି ସକାଳ ୭ଟା ପର୍ଯ୍ୟନ୍ତ ବିଦ୍ୟାଳୟରେ ଉପସ୍ଥାନ ଅତ୍ୟନ୍ତ ନଗଣ୍ୟ ରହିଥିବା ନେଇ ବ୍ଲକ ଶିକ୍ଷାଧିକାରୀ ସ୍କୁଲ୍ ପରିଦର୍ଶନ ସମୟରେ ଜାଣିବାକୁ ପାଇଥିଲେ। ଏହାଛଡ଼ା ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ମଧ୍ୟାହ୍ନଭୋଜନରେ ଯାଉଥିଲା। ଆଉମାତ୍ର ଘଣ୍ଟାକ ପାଇଁ ପାଠପଢ଼ା ଯାଉଥିଲା। ଅନେକ ବିଦ୍ୟାଳୟରେ ଉପସ୍ଥାନ ଅତ୍ୟନ୍ତ ନଗଣ୍ୟ ରହିଥିବାରୁ ଶିକ୍ଷକମାନେ ବ୍ରିଜ୍ କୋର୍ସରେ ପାଠ ପଢ଼ାଇ ନ ଥିବା କୁହାଯାଉଛି। ଏଭଳିସ୍ଥିତିରେ ବ୍ରିଜ୍ କୋର୍ସ ପିଲାଙ୍କ ପାଇଁ କେତେ ଫଳପ୍ରଦ ହୋଇପାରିଛି ତାହା ଏଥିରୁ ସ୍ପଷ୍ଟ ଜଣାପଡୁଛି। ଏ ସମ୍ପର୍କରେ ବ୍ଲକ୍ ଶିକ୍ଷାଧିକାରୀ ଶ୍ରୀଚରଣ ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି, ବ୍ରିଜ୍ କୋର୍ସ ମାଧ୍ୟମରେ ପିଲାଙ୍କ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ହେଲେ ଏଥିରେ ବିଦ୍ୟାଳୟର ସମୟ ନିର୍ଘଣ୍ଟ, ପ୍ରତିକୂଳ ପାଗରେ ବିଦ୍ୟାଳୟରେ କମ୍ ଉପସ୍ଥାନ, କ୍ଲାସ ପ୍ରମୋସନ ପାଇଥିବା ବିଦ୍ୟାର୍ଥୀମାନେ ପୁରୁଣା ପାଠ ଅପେକ୍ଷା ନୂତନ ଶ୍ରେଣୀ ପାଠ ପଢ଼ିବା ପ୍ରତି ଆଗ୍ରହ ଦେଖାଇବା କାରଣରୁ ବ୍ରିଜ୍ କୋର୍ସକୁ ଆଶାତୀତ ସଫଳତା ମିଳିବା ସମ୍ଭବ ହୋଇପାରିନାହିଁ। ତଥାପି ଏନେଇ ଆକଳନ କରାଯିବା ପରେ ଯୋଜନା କେତେ ସଫଳ ହୋଇପାରିଛି ତାହା ଜଣାପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି।

# ମହିଳା ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟିତ



ମହିଳା ଗୋଷ୍ଠୀ କେନ୍ଦ୍ରକୁ ବିଧାୟକ ଉଦ୍‌ଘାଟନ କରୁଛନ୍ତି।

**ଧର୍ମଶାଳା,୮।୬(ଡି.ଏନ.ଏ.)** ଧର୍ମଶାଳା ବ୍ଲକ୍ ଅଧୀନ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ବୁଧବାର ଏକ ମହିଳା ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଧର୍ମଶାଳା ପଞ୍ଚାୟତ ସମିତି ପକ୍ଷରୁ ଆମ ଗାଁ, ଆମ ବିକାଶ ଯୋଜନାରେ ୨୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ଦ୍ୱିତଳ ପ୍ରାସାଦ ବିଶିଷ୍ଟ ଗୃହ ନିର୍ମାଣ କରାଯାଇଛି। ସଂଗଠିତ ମହିଳାମାନେ ଏହି ଗୃହର ବ୍ୟବହାର କରିପାରିବେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ପଣ୍ଡା, ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ସୁଧାଂଶୁ ଭୂଷଣ ସାହୁ, ସଭ୍ୟା ପ୍ରଣତି ଲେଙ୍କା, ସ୍ମୃତିରେଖା ବେହେରା, ଧର୍ମଶାଳା ନିର୍ବାଚନମଣ୍ଡଳୀ ବିଜେଡି ମହିଳା ସଭାନେତ୍ରୀ ରେଣୁବାଳା ଶତପଥୀ, ବ୍ଲକ ସଭାନେତ୍ରୀ ବିଶ୍ୱବନ୍ଦନା ଜେନା, ପୂର୍ବତନ ଜିଲା ପରିଷଦ ସଭ୍ୟ ଉତ୍କଳମଣି ଦାସ, ସରପଞ୍ଚ ସୁଦାମ ଚରଣ ବେହେରା ଓ ଯୁବ ସଂଗଠକ ପ୍ରତାପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସାହାଡ଼ାକୋଳି ଗ୍ରାମବାସୀଙ୍କ ପାଇଁ ରାସ୍ତା ନାହିଁ

**କୋରେଇ,୮।୬(ସ୍ୱ.ପ୍ର.)** ଅଞ୍ଚଳର ବିକାଶ ହେବାକୁ ହେଲେ ଉନ୍ନତ ଗମନାଗମନ ବ୍ୟବସ୍ଥାର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ରଠାରୁ ରାଜ୍ୟ ସରକାର ପର୍ଯ୍ୟନ୍ତ ଗ୍ରାମାଞ୍ଚଳ ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବହୁ ଯୋଜନା କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ କୋରେଇ ବ୍ଲକ ଅନ୍ଧାରୀ ପଞ୍ଚାୟତରେ ଯୋଜନା ବାଟବଣା ହୋଇଥିବା ଦେଖିବାକୁ ମିଳିଛି। ୭୦ରୁ ଊର୍ଦ୍ଧ୍ୱ ଦଳିତ ପରିବାର ବାସ କରୁଥିବା ସାହାଡ଼ାକୋଳି ଗ୍ରାମକୁ ଆଜି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ସମ୍ଭବ ହେଲାନାହିଁ। କାହିଁ କେଉଁ କାଳରୁ ନିର୍ମାଣ ହୋଇଥିବା ଏକ କଚ୍ଚା ସଡ଼କ ହିଁ ଲୋକଙ୍କ ଗମନାଗମନର ମାଧ୍ୟମ ହୋଇଛି। ଯେଉଁ ରାସ୍ତାଟି ଖାଲ ଖମାରେ ପୂର୍ଣ୍ଣ। ବର୍ଷା ହେଲେ ଏଥିରେ ପାଣି ଜମି ଯାତାୟାତକୁ ମୁସ୍କିଲ କରିଥାଏ। ରଗଡ଼ି-କିଆପଦା ରାସ୍ତାର ଭାୟା ସାହାଡ଼କୋଳି ଦେଇ ଅନ୍ଧାରି ପଞ୍ଚାୟତ କାର୍ଯ୍ୟାଳୟ ଅତିକ୍ରମ କରି ୨୦ନଂ. ଜାତୀୟ ରାଜପଥକୁ ୩ କି.ମି.ରୁ ଊର୍ଦ୍ଧ୍ୱ ହେବ ଏକ କଚ୍ଚା ସଡ଼କ ସଂଯୋଗ କରିଛି। ଉକ୍ତ ରାସ୍ତାଟି ସାହାଡ଼ାକୋଳି ଗ୍ରାମବାସୀଙ୍କ ପାଇଁ ଏକ ମାତ୍ର ଯାତାୟାତର ମାଧ୍ୟମ। ତେବେ ଉକ୍ତ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବା ଶୁଣିବାକୁ ମିଳିଥିବାବେଳେ କାମ କିନ୍ତୁ ଆଗେଇ ପାରୁନାହିଁ। ରାସ୍ତା ନିର୍ମାଣ ଉପରେ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର କୁମାର ରାଉତରାୟ ଦାବି ଜଣାଇଛନ୍ତି।

# ଜାରକା ରୋଟାରି କ୍ଲବ୍ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର



ଚକ୍ଷୁ ଶିବିରରେ ବିଧାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ।

**ଧର୍ମଶାଳା,୮।୬(ଡି.ଏନ.ଏ.)** ଧର୍ମଶାଳା ବ୍ଲକ୍ ଅଧୀନ ଜାରକାସ୍ଥିତ ଭିଜନ କେୟାର ସେଣ୍ଟରଠାରେ ଜାରକା ରୋଟାରି କ୍ଲବ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଉଦ୍‌ଘାଟନ କରିଥିଲେ। ବ୍ଲକ ଅଧକ୍ଷ ପ୍ରଭାତ ବଳବନ୍ତରାୟ ଉପସ୍ଥିତ ରହି ଚକ୍ଷୁରୋଗୀଙ୍କ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ। କଟକସ୍ଥିତ ଜେପିଏମ୍ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଡା. ଅୟନ୍ତିକା ଦାସ, ସସ୍ମିତା ଓଝା, ସ୍ମୃତିରେଖା ବାରିକ ଓ ନନ୍ଦିନୀ ନାୟକ ପ୍ରମୁଖ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ରୋଗୀଙ୍କ ଚକ୍ଷୁ ପରୀକ୍ଷା ସହ ସେମାନଙ୍କୁ କଟକସ୍ଥିତ ରୋଟାରି ଚକ୍ଷୁ ଚିକିତ୍ସାଳୟ ନିଆଯାଇ ଅସ୍ତ୍ରୋପଚାର କରାଯିବ ବୋଲି ଭିଜନ ସେଣ୍ଟରର ଟ୍ରଷ୍ଟି ତଥା ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ଶତପଥୀ ସୂଚନା ଦେଇଛନ୍ତି। ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ରୋଟାରି ଓ ଇନରହୁଇଲ କ୍ଲବ ପକ୍ଷରୁ ବିଧାୟକ ବଳବନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିବିରକୁ ରୋଟାରି କ୍ଲବ୍ ସଭାପତି ନିରଞ୍ଜନ ପାଣିଗ୍ରାହୀ, ସମ୍ପାଦକ ଜ୍ୟୋତିପ୍ରକାଶ ଆଚାର୍ଯ୍ୟ, ରୋଟାରିଆନ ପ୍ରଦୀପ୍ତ କୁମାର ବରାଳ, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ଜୟନ୍ତ କୁମାର ସାହୁ, ଅଜାମ୍ବର ସାହୁ, ବିନୋଦ ବିହାରୀ ପରିଡ଼ା, ପ୍ରଶାନ୍ତ ପୃଷ୍ଟି, ସୁକାନ୍ତ ସ୍ୱାଇଁ, ଜୟପ୍ରକାଶ ତ୍ରିପାଠୀ, ବିପିନ ଷଡ଼ଙ୍ଗୀ, ପ୍ରମୋଦ ସାମଲ, ରଶ୍ମିରଞ୍ଜନ ରାୟ, ଇନରହୁଇଲ ସଭାନେତ୍ରୀ ରଶ୍ମିତା ନାୟକ, ସଭ୍ୟ ମିନତି ସାହୁ, ମାଧୁରୀ ଶତପଥୀ, ଇନ୍ଦୁପ୍ରଭା ସାମଲ, ଅଜନ୍ତା ପାଣିଗ୍ରାହୀ, ଅର୍ଚ୍ଚନା ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

## ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୨ ଡାକ୍ତରଙ୍କ ଇସ୍ତଫା

**ବରୀ,୮।୬(ଡି.ଏନ.ଏ.)** ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ପଦବୀ ଖାଲି ପଡ଼ିଛି। ହେଲେ ଏହା ଭିତରେ ଏଠାରେ କାର୍ଯ୍ୟରତ ୨ ଡାକ୍ତର ଚାକିରିରୁ ଇସ୍ତଫା ଦେଇଛନ୍ତି। ସେମାନେ ହେଲେ ଡା. ରଜତ କୁମାର ସାହୁ ଓ ଡା. ନୀତିଶ କୁମାର ମାହୁନ୍ତ। ଉଭୟ ସେମାନଙ୍କ ଇସ୍ତଫାପତ୍ର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଦେଇଥିବା ଜଣାପଡ଼ିଛି। ମାର୍ଚ୍ଚରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରୁ ୨ ଡାକ୍ତର ଇସ୍ତଫା ଦେବା ପରେ ଏବେ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗ ଦେଇଛନ୍ତି। ତେବେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରୁ ଡାକ୍ତରମାନେ ବାରମ୍ବାର ଇସ୍ତଫା ଦେବା ଘଟଣାରେ ଉଚ୍ଚପଦସ୍ଥ ଅଧିକାରୀ ହସ୍ତକ୍ଷେପ କରୁ ନ ଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହେଉଛି ବୋଲି ଆଲୋଚନା ହେଉଛି। ଅନ୍ୟପକ୍ଷରେ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଆଶିଷ କୁମାର ଦାସଙ୍କ ସହ ଅନ୍ତର୍ଦ୍ୱନ୍ଦ୍ୱ ଯୋଗୁ ୨ ଡାକ୍ତର ଇସ୍ତଫା ଦେଇଛନ୍ତି ବୋଲି ନିଜ ନାମ ଗୋପନ ରଖି ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ କର୍ମଚାରୀ କହିଛନ୍ତି। ଇସ୍ତଫା ସମ୍ପର୍କରେ ଡାକ୍ତର ମାହୁନ୍ତଙ୍କୁ ପଚାରିବାରେ ସେ କୁହନ୍ତି, ଘରୋଇ ଅସୁବିଧା ଯୋଗୁ ଚାକିରିରୁ ଇସ୍ତଫା ଦେଇଛି। ଡା. ସାହୁଙ୍କ ପ୍ରତିକ୍ରିୟା ନେବାକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିରଞ୍ଚି ନାରାୟଣ ବାରିକଙ୍କୁ ପଚାରିବାରେ ସେ କୁହନ୍ତି, ଇସ୍ତଫାପତ୍ର ମୋର ହସ୍ତଗତ ହୋଇନାହିଁ। ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଓ ଡାକ୍ତରଙ୍କ ମଧ୍ୟରେ ସମନ୍ୱୟ ଅଭାବ ଇସ୍ତଫାର କାରଣ ବୋଲି ଶୁଣାଯାଉଛି। ତେଣୁ ଘଟଣାସ୍ଥଳକୁ ଯାଇ ଉଚିତ୍ ପଦକ୍ଷେପ ନେବି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ୨୦୦୧ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ



ବନ୍ଧୁମିଳନରେ ଯୋଗ ଦେଇଥିବା ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ।

**ଯାଜପୁର ଟାଉନ,୮।୬(ଡି.ଏନ.ଏ.)** ଯାଜପୁର ବ୍ଲକ୍ ପଣସା ପଞ୍ଚାୟତସ୍ଥିତ ଭଗବାନ ନନ୍ଦ ଉଚ୍ଚ ବିଦ୍ୟାଳୟ ୨୦୦୧ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସ୍କୁଲ୍ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ସାମଲ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ପୁରାତନ ଶିକ୍ଷକ ଶଶିଭୂଷଣ ରାଉତରାୟ, ଅତିଥିଭାବେ ନୃସିଂହ ଚରଣ ନନ୍ଦ, ଅନନ୍ତ ଚରଣ ସ୍ୱାଇଁ, ଅଦ୍ୱୈତ ପ୍ରସାଦ ମିଶ୍ର, ସଦାଶିବ ବାରିକ, ଗଜେନ୍ଦ୍ର ମିଶ୍ର, ଗୋଲଖ ଚନ୍ଦ୍ର ମିଶ୍ର, ନଗେନ ସାମଲ ଓ ଜୟନ୍ତ ସାମଲ ଯୋଗଦେଇ ପିଲାଙ୍କ ଦୀର୍ଘାୟୁ କାମନା କରିଥିଲେ। ପରେ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଗୁରୁମାନଙ୍କର ପାଦପୂଜା କରିବା ସହ ଉତ୍ତରୀୟ ଓ ମାନପତ୍ର ଦେଇ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଉତ୍ସବରେ ଦୀପକଙ୍କର ରାଉତରାୟ ମାନପତ୍ର ପାଠ କରିଥିଲେ। ମନୋଜ କୁମାର ସେଠୀ ଓ ବିଭୁଭୂଷଣ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହୃଦାନନ୍ଦ ମିଶ୍ର, ଅସିତ୍ କରନ୍ ରାଉତରାୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହିଅବସରରେ ସ୍କୁଲ୍ ପରିସରରେ ଅବସରପ୍ରାପ୍ତ ଶିକ୍ଷକଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା। ପୁରାତନ ଛାତ୍ରୀଛାତ୍ର ପରସ୍ପରକୁ ପାଇ ଅତ୍ୟନ୍ତ ଆନନ୍ଦିତ ହେବା ସହ ସେଠାରେ ଖୁସି ମନାଇଥିବା ଲକ୍ଷ୍ୟ କରାଯାଇଥିଲା। ଉତ୍ସବରେ ୪୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ପୁରାତନ ଛାତ୍ର ନଗେନ୍ଦ୍ର ଭୂଷଣ ନନ୍ଦଙ୍କ ପ୍ରଚେଷ୍ଟାରେ ସମସ୍ତ ଛାତ୍ରୀଛାତ୍ର ଏକତ୍ରିତ ହୋଇଥିଲେ।

# ୧୦ରେ ବିରଜା କଲଚରାଲ ଏକାଡେମୀ ପ୍ରତିଷ୍ଠା ଉତ୍ସବ

**ଯାଜପୁର ଟାଉନ,୮।୬(ଡି.ଏନ.ଏ.)** ବିରଜା କଲଚରାଲ ଏକାଡେମୀ ପ୍ରତିଷ୍ଠା ଉତ୍ସବ ଆସନ୍ତା ୧୦ ତାରିଖରେ ଅନୁଷ୍ଠିତ ହେବ। ଉତ୍ସବର 'ଅନୁକ୍ରମଣ'କୁ ପ୍ରସିଦ୍ଧ ନୃତ୍ୟଶିଳ୍ପୀ, ପ୍ରଶାସିକା ତଥା ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି ଉଦ୍‌ଘାଟନ କରିବେ। ବିବିସରାଇସ୍ଥିତ ଏକାଡେମୀର ସମ୍ମିଳନୀ ଗୃହରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗୁରୁ ଆଶିଷ କୁମାର ଦାସ ଏହି ସୂଚନା ଦେଇଛନ୍ତି। ଯାଜପୁର ଐତିହ୍ୟ ଓ ସଂସ୍କୃତିର ସହର। ରାଜ୍ୟର ବିଭିନ୍ନ ଜିଲାରେ ଓଡ଼ିଶୀ ନୃତ୍ୟର ଭିତ୍ତିଭୂମି ଥିଲା ବେଳେ ଯାଜପୁର ସହରରେ ଏହାର ବ୍ୟତିକ୍ରମ ଦେଖା ଦେଇଥିଲା। ସାଂସ୍କୃତିକ ବ୍ୟକ୍ତିତ୍ୱ ପ୍ରଫେସର ରାଧାରମଣ ଦାସଙ୍କ ମାର୍ଗ ଦର୍ଶନରେ ଓଡ଼ିଶୀ ନୃତ୍ୟ, ସଙ୍ଗୀତ ଓ ଚିତ୍ରକଳାକୁ ନେଇ ବିରଜା କଲଚରାଲ ଏକାଡେମୀ ଗଠନ କରାଯାଇଛି ବୋଲି ସମ୍ମିଳନୀରେ ଓଡ଼ିଶୀ ନୃତ୍ୟଗୁରୁ ଦାସ ମତବ୍ୟକ୍ତ କରିଥିଲେ।

ଗତ କିଛି ମାସ ତଳେ ଏକାଡେମୀ ପ୍ରତିଷ୍ଠା କରାଯାଇଥିବାବେଳେ ଏବେ ଛାତ୍ରୀଛାତ୍ର ଓଡ଼ିଶୀ ନୃତ୍ୟ, ସଙ୍ଗୀତ ଶିକ୍ଷା ଲାଭ କରୁଛନ୍ତି। ପ୍ରତିଷ୍ଠା ଉତ୍ସବର 'ଅନୁକ୍ରମଣ' କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ, ପୂର୍ବତନ ନଗରପାଳ ଯଯାତି କେଶରୀ ଦାସ, ପୌର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ଏକାଡେମୀର ସଭାପତି ପ୍ରଫେସର ରାଧାରମଣ ଦାସ ଉପସ୍ଥିତ ରହିବେ ବୋଲି ସୂଚନା ଦିଆଯାଇଛି। ସମ୍ମିଳନୀରେ ଅନୁଷ୍ଠାନ ଉପସଭାପତି ନାରାୟଣ ଦାସ, ସମ୍ପାଦିକା ଗୁରୁ ସସ୍ମିତା ପଣ୍ଡା, କୋଷାଧକ୍ଷା ପ୍ରତିମା ମିଶ୍ର, ସଙ୍ଗଠନ ସମ୍ପାଦିକା ଭାରତୀ ଆଚାର୍ଯ୍ୟ, ଡ. ସୁରେନ୍ଦ୍ରନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଯାଜପୁର କିକ୍ ବକ୍ସିଂର ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ଯାଜପୁର ଟାଉନ,୮।୬(ଡି.ଏନ.ଏ.)** ଯାଜପୁର କିକ୍ ବକ୍ସିଂର ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ସଂସ୍କୃତି ଭବନ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ପୌର ପରିଷଦର ପୂର୍ବତନ ନଗରପାଳ ଭବପ୍ରସାଦ ଦାସ ଏହାକୁ ଉଦ୍‌ଘାଟନ କରିବା ସହ ଯାଜପୁର କିକ୍ ବକ୍ସିଂର ବିକାଶ ଯାତ୍ରାକୁ ବହୁ ପ୍ରଶଂସା କରିଥିଲେ। ଆଗାମୀ ଭବିଷ୍ୟତରେ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟବକ୍ତା ଭାବେ ବରୁଣେଶ୍ୱର ମହାବିଦ୍ୟାଳୟ ଅଧକ୍ଷ ବଟକୃଷ୍ଣ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ସୁରେନ୍ଦ୍ର ରଣା ଯୋଗଦେଇ କିକ୍ ବକ୍ସିଂ ସମାଜରେ ନାରୀ ଶକ୍ତିର ବିକାଶ ହେବ ବୋଲି କହିଥିଲେ। ୱାକୋ ଓଡ଼ିଶାର ପ୍ରଶିକ୍ଷକ ମାନସ ରଞ୍ଜନ ଅମାନ୍ତ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିରକୁ ପରିଚାଳନା କରିଥିଲେ। ଯାଜପୁର କିକ୍ ବକ୍ସିଂ ସଂଘ ସମ୍ପାଦକ ରଞ୍ଜନ ସୂତାର ଯାଜପୁରରେ ହେଉଥିବା କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ଧନ୍ୟବାଦ ଦେଇଥିଲେ। ସଞ୍ଜୟ ମହାରଣା, ଜ୍ୟୋତିର୍ମୟ ନାଥଶର୍ମା, ଲୋକନାଥ ମହାପାତ୍ର, ରାଜେନ୍ଦ୍ର ବାରିକ, ପ୍ରକାଶ ଲାଲା, ରିତେନ୍ଦ୍ର ବିଶ୍ୱାଳ, ଭାଗ୍ୟଶ୍ରୀ ମହାପାତ୍ର ଓ ଜିତେନ୍ଦ୍ର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।





କିକ୍ ବକ୍ସିଂର ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

# ନଦୀବନ୍ଧ ରାସ୍ତା ପ୍ରଶସ୍ତୀକରଣରେ ଅନିୟମିତତା

**ବିଞ୍ଝାରପୁର,୮।୬(ଡି.ଏନ.ଏ.)** ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ଖରସ୍ରୋତା ନଦୀବନ୍ଧର ବଗମରାଠାରୁ ଯାଜପୁର ବ୍ଲକ୍‌ର ବୁଢ଼ାନଦୀ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଛି। ଏହି ନଦୀବନ୍ଧ ରାସ୍ତା ପୂର୍ବରୁ ଜଳ ସମ୍ପଦ ବିଭାଗ ଅଧୀନରେ ଥିଲାବେଳେ ୨ ବର୍ଷ ତଳେ ଏହାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି। ପୂର୍ତ୍ତ ବିଭାଗ ତରଫରୁ ଏହି ୨୦ କିଲୋମିଟର ନଦୀବନ୍ଧ ପ୍ରଶସ୍ତୀକରଣ ପାଇଁ ୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ କରାଯାଇଛି। ତେବେ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଠିକା ସଂସ୍ଥା ସରକାରୀ ମୂଳ ମାର୍ଗଦର୍ଶିକା ପରିବର୍ତ୍ତନ କରି ନିଜସ୍ୱ ଢଙ୍ଗରେ ରାସ୍ତା ନିର୍ମାଣ କରୁଥିବା କୁହାଯାଉଛି।

ପ୍ରତ୍ୟେକ ଦିନ ନଦୀ ଗର୍ଭରୁ ଜେସିବିରେ ବାଲିମିଶା ମାଟିଖୋଳି ଟ୍ରାକ୍ଟର ଓ ଟ୍ରକ୍ ଯୋଗେ ବୋହି ନେଇ ବନ୍ଧ କାର୍ଯ୍ୟରେ ଲଗାଯାଉଛି। ଏହାଦ୍ୱାରା ନଦୀବନ୍ଧର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ ଉଠିବା ସହ ନଦୀଗର୍ଭରୁ ମାଟି ଆଣିବା ଫଳରେ ଭବିଷ୍ୟତରେ ଖରସ୍ରୋତା ଗତିପଥ ବଦଳାଇବା ଆଶଙ୍କା ରହିଛି। ନଦୀର ଗତିପଥରେ ପରିବର୍ତ୍ତନ ହେଲେ ବିଞ୍ଝାରପୁର ବ୍ଲକର ଅପରପାର୍ଶ୍ୱ ଅଞ୍ଚଳରେ ବହୁ ପଞ୍ଚାୟତର ଶତାଧିକ ଲୋକ ବାସହରା ହେବା ସମ୍ଭାବନା ରହିଛି। ନଦୀଗର୍ଭରୁ ମାଟି ଖୋଳି ଆଣିବା ଯୋଗୁ ଖରସ୍ରୋତା ନଦୀ ଉପରେ ଥିବା ବଗମରା ସେତୁ ଭୁଶୁଡ଼ିବା ସମ୍ଭାବନା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ପ୍ରଶାସନ ଓ ଠିକା ସଂସ୍ଥା ମିଳିମିଶି ଖରସ୍ରୋତାକୁ ବିକୃତ କରିବାରେ ଲାଗିପଡ଼ିଛନ୍ତି। ପୂର୍ତ୍ତ ବିଭାଗ ତୁରନ୍ତ ନଦୀର ସୁରକ୍ଷା ପ୍ରତି ଦୃଷ୍ଟି ନ ଦେଲେ ନଦୀକୂଳିଆ ଗାଁ ଗୁଡିକ କ୍ଷତିଗ୍ରସ୍ତ ହେବ। ନଦୀରେ ବନ୍ୟା ଆସିଲେ ଏହି ବନ୍ଧ ବନ୍ୟା ଦାଉରୁ ରକ୍ଷା କରିଥାଏ। ବନ୍ଧ ଉପରେ ରାସ୍ତା ନିର୍ମାଣ କରାଯାଇ ୨ଟି ବ୍ଲକର ଲୋକ ଯାତାୟାତ କରିଥାନ୍ତି। ଟେଣ୍ଡର ଅନୁଯାୟୀ ଠିକାଦାର ରାସ୍ତାକୁ ଚଉଡ଼ା କରିବା ପାଇଁ ପ୍ରସ୍ତାବ ରହିଥିଲା। ତେବେ ପୂର୍ବରୁ ଯେଉଁ ରାସ୍ତା ଥିଲା ଏହାର ଦୁଇ ଗୁଣା କରାଯାଇ ସମ୍ପୂର୍ଣ୍ଣ ଏକ ନୂତନ ନଦୀ ବନ୍ଧ ରାସ୍ତା ନିର୍ମାଣ କରିବାକୁ ସ୍ଥିର କରାଯାଇଥିଲା। ହେଲେ ଠିକାଦାର ବନ୍ଧର ମୂଳଦୁଆକୁ ନ ଯାଇ ବନ୍ଧ ରାସ୍ତାର ଅଧାସ୍ଥିତିରୁ କାଟି କେବଳ ଉପରକୁ ଚଉଡ଼ା କରିବା ପାଇଁ ଯୋଜନା କରିଛନ୍ତି। ଏହା ସହ ନଦୀ ବନ୍ଧର ମୂଳଶଯ୍ୟା ଠିକ୍ ଭାବେ ନିର୍ମାଣ ହେଉ ନ ଥିବାରୁ ନଦୀ ବନ୍ଧଟି ଭୁଶୁଡ଼ି ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ନଦୀ ବନ୍ଧର ମୂଳଶଯ୍ୟା ଠିକ୍ ଭାବେ ନିର୍ମାଣ କରିବା ସହ ନଦୀ ଅବବାହିକାରୁ ବେଆଇନ ଭାବେ ମାଟି ଉତ୍ତୋଳନ ବନ୍ଦ କରିବାକୁ ସାଧାରଣରେ ଦାବି ହେଉଛି। ଏହି ପ୍ରସଙ୍ଗରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ସିର୍ଦ୍ଧାଥ ଯେନାଙ୍କୁ ପଚାରିବାରୁ ସେ କହିଛନ୍ତି, କାମ ଠିକ୍‌ରେ ଚାଲିଛି। ତେବେ କେଉଁଠି କ'ଣ ହୋଇଛି ତା'ର ଅନୁଧ୍ୟାନ କରାଯିବ।



ନଦୀବନ୍ଧ ପାଇଁ ମାଟି ଖୋଳାଯାଉଛି।

## ନଦୀଶଯ୍ୟାକୁ ପ୍ରଶାସନ ଓ ଠିକାସଂସ୍ଥା ବିକୃତ କରୁଛନ୍ତି

## ସଂକ୍ଷେପରେ

### ନାବାଳିକାଙ୍କ ବିବାହ ବନ୍ଦ କରାଗଲା

**ନୟାଗଡ଼ ଅଫିସ,୮।୬:** ନୟାଗଡ଼ ଜିଲା ରଣପୁର ସହରରେ ଏକ ନାବଳିକା ବିବାହ ବନ୍ଦ କରାଯାଇଛି । ପଟିଆ ଅଞ୍ଚଳର ୧୬ ବର୍ଷର ଦଶମ ଶ୍ରେଣୀ ଛାତ୍ରୀର ବିବାହ ରଣପୁର ସହରରେ ପୁଅ ଘରେ ହେବାର ରହିଥିଲା । ଭୋଜି ଭାତ ଶେଷ ହୋଇଥିଲା। ବିବାହ ପାଇଁ ବେଦୀ ପ୍ରସ୍ତୁତ ହୋଇଥିଲା । ଅପରାହ୍ନ ୨ଟାରେ ବିବାହ ଆରମ୍ଭ ହୋଇଥାନ୍ତା । ଏହା ପୂର୍ବରୁ ବାଲ୍ୟ ବିବାହ ନିଷେଧ ଅଧିକାରୀ ରେଣୁବାଳା ନନ୍ଦ, ଚାଇଲ୍ଡ ଲାଇନର ସ୍ୱର୍ଣ୍ଣଲତା ଜେନା ଓ ବିଭୂତି ବେହେରା, ରଣପୁର ଥାନା ଏସ୍ଆଇ ଚିରଞ୍ଜିବି ରାଉତ ପହଞ୍ଚି ନାବଳିକାଙ୍କୁ ଉଦ୍ଧାର କରିଥିଲେ । ନାବାଳିକା ବିବାହର କୁପରିଣତ ବିଷୟରେ ବୁଝାଇଥିଲେ । ପରେ ନାବାଳିକାଙ୍କୁ ଜିଲା ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଥିଲା । ଜିଲା ଶିଶୁ ମଙ୍ଗଳ ସମିତିର ନିର୍ଦ୍ଦେଶ ଅନୁସାରେ ତପସ୍ୟା ଶିଶୁ ଗୃହକୁ ପଠାଯାଇଛି ।

### ଜାଗା ସମ୍ପର୍କ ଉତ୍ସବ, ବିକାଶ ଶିବିର

**ନୟାଗଡ଼ ଅଫିସ,୮।୬:** ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ବୁଧବାର ଜାଗା ସମ୍ପର୍କ ଉତ୍ସବ ଓ ବସ୍ତି ବାସିନ୍ଦା ଦକ୍ଷତା ଶିବିର ପଠାଣୀ ସାମନ୍ତ ଅଡିଟୋରିୟମରେ ଅନୁଷ୍ଠିତ ହୋଇଛି । ସାମୁହିକ ବସ୍ତିବାସିନ୍ଦା ସଂଘର ସଭାପତି ଗଦାଧର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୟାଗଡ଼ ବିଧାୟକ ଅରୁଣ ସାହୁ ଯୋଗ ଦେଇ ଜାଗା ମିଶନ କିପରି ବସ୍ତି ବାସିନ୍ଦାଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଦେଇଛି ସେ ବିଷୟରେ ଟିପ୍ପଣୀ ଦେଇଥିଲେ । ଜାଗା ମିଶନର ଏହି ସମ୍ମାନ ସାରା ଭାରତ ବର୍ଷରେ କେଉଁ ରାଜ୍ୟର ବସ୍ତିବାସିନ୍ଦା ପାଇ ନାହାନ୍ତି । ଏହା କେବଳ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଗୁ ସମ୍ଭବ ହୋଇ ପାରିଛି ବୋଲି କହିଥିଲେ । ଆଗାମୀ ଦିନରେ ବସ୍ତିବାସିନ୍ଦାଙ୍କୁ ସବୁ ପ୍ରକାରର ସୁବିଧା ସୁଯୋଗ ଦିଆଯିବ । ନୟାଗଡ ସହର ୧୬ଟି ୱାର୍ଡକୁ ନେଇ ଗଠିତ ହୋଇଥିବାବେଳେ ୧୩ ଟି ବସ୍ତି ରହିଛି । ଏଠାରେ ୭୮୪ ଲୋକଙ୍କୁ ଜାଗା ମିଶନରେ ଘର ଜମି ଯୋଗାଇବାକୁ ଚିହ୍ନଟ ହୋଇଥିଲେ । ବର୍ତ୍ତମାନ ସୁଦ୍ଧା ୫୦୦ ଜଣ ପଟ୍ଟା ପାଇଥିବାବେଳେ ୩୯୦ ଆବାସ ଯୋଜନାରେ ଘର ପାଇ ସାରିଲେଣି । ଅନ୍ୟମାନଙ୍କ ମଧ୍ୟରେ ଅଧକ୍ଷା ନିରୁପମା ଖଟେଇ, ଉପାଧକ୍ଷ ଗୁରୁ ପ୍ରସାଦ ଜେନା, ନିର୍ବାହୀ ଅଧିକାରୀ ସ୍ୱାତି ମିଶ୍ର ଉପସ୍ଥିତ ଥିଲେ ।

### ପ୍ରାକ୍ତନ ଶିକ୍ଷକ ନେତାଙ୍କ ପରଲୋକ

**ଓଡ଼ଗାଁ,୮।୬(ସ୍ୱ.ପ୍ର.):** ରାଜ୍ୟର ଜଣାଶୁଣା ଶିକ୍ଷକ ନେତା ତଥା ଅବସରକାଳୀନ ଖବରଦାତା ଭକ୍ତରଞ୍ଜନ ମହାରଣାଙ୍କ ବୁଧବାର ଅପରାହ୍ନରେ ପରଲୋକ ହୋଇଯାଇଛି। ସେ ଗୌଡପଟ ହାଇସ୍କୁଲର ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ଥିଲେ । ଘରୋଇ ସ୍କୁଲ ଶିକ୍ଷକଙ୍କ ବିଭିନ୍ନ ଦାବି ନେଇ ଆନ୍ଦୋଳନ କରିଥିଲେ । ସର୍ବଶିକ୍ଷା ଅଭିଯାନ ଓ ଓଡ଼ଗାଁ କଲେଜ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଅବସର ପରେ ସେ ଏକ ଦୈନିକ ଖବରକାଗଜର ଖବରଦାତା ଭାବେ କିଛି ବର୍ଷ କାର୍ଯ୍ୟ କରିଥିଲେ। ତାଙ୍କ ପରଲୋକ ଖବର ପାଇ ବହୁ ଛାତ୍ର ଭକ୍ତ ସାରଙ୍କ ଅନ୍ତିମ ଦର୍ଶନ କରିଥିଲେ । ଓଡ଼ଗାଁ ଶାସନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

### ଦମ୍ପତିଙ୍କ ନାଁରେ ଠକେଇ ଅଭିଯୋଗ

**ବ୍ରହ୍ମପୁର ଅଫିସ,୮।୬-**ସରକାରୀ ଗୃହ ଓ ବ୍ୟାଙ୍କରୁ ଋଣ ଯୋଗାଇ ଦେବା ନାଁରେ ହିଲପାଟଣା ପଣ୍ଡା କଲୋନୀରେ ରହୁଥିବା ଏକ ଦମ୍ପତି ମହିଳାମାନଙ୍କଠାରୁ ଟଙ୍କା ଠକେଇ କରିଥିବା ଗୋଷଣୀନୂଆଗାଁ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଲାଲୀ କୁମାରୀ ଆଚାରୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନମ୍ବର ୯୩/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ହିଲପାଟଣା ଗୋପବନ୍ଧୁନଗରର ଲାଲୀ ଥାନାରେ ଅଭିଯୋଗ କରିଛନ୍ତି ଯେ, ହିଲପାଟଣା ପଣ୍ଡା କଲୋନୀର ରାଜଶ୍ରୀ ମହାରଣା ଓ ତାଙ୍କ ସ୍ୱାମୀ ୨ ବର୍ଷ ତଳେ ତାଙ୍କ ନିକଟକୁ ଆସି ସରକାର ମାଗଣାରେ ଘର ଦେଉଥିବା କହିଥିଲେ। ହେଲେ ସରକାରୀ ଗୃହ ପାଇବାକୁ ହେଲେ କିଛି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ ବୋଲି ସେମାନେ କହିଥିଲେ। ଦମ୍ପତିଙ୍କ କଥାରେ ବିଶ୍ୱାସ କରି ଲାଲୀ ସେମାନଙ୍କୁ ୩ ଟି କିସ୍ତିରେ ମୋଟ ୨୩ ହଜାର ଟଙ୍କା ଦେଇଥିଲେ। ହେଲେ ଦୁଇ ବର୍ଷ ପରେ ମଧ ଗୃହ ନ ମିଳି ନଥିଲା। ଗତ ୩ ତାରିଖରେ ଲାଲି ଟଙ୍କା ମାଗିବାକୁ ରାଜଶ୍ରୀଙ୍କ ଘରକୁ ଯାଇଥିଲେ। ରାଜଶ୍ରୀଙ୍କ ସ୍ୱାମୀ ଲାଲୀଙ୍କୁ ଧମକେଇ ତଡି ଦେଇଥିଲେ।

# ରଥକାଠ ଅଭାବ ନେଇ ଉଦ୍‌ବେଗ

**ନୟାଗଡ଼ ଅଫିସ,୮।୬**




ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅଧିକାରୀ ।

**ନୟାଗଡ଼ ରଥଯାତ୍ରା ପ୍ରସ୍ତୁତି ବୈଠକ**
- ଦେବୋତ୍ତର ବିଭାଗ ଜମିରେ ଲାଗିବ ଚାରା
- ୨୦ ମନ୍ଦିରରେ ହେବ ବଜ୍ରପାତ ପ୍ରତିରୋଧକ ବ୍ୟବସ୍ଥା

ନୟାଗଡ଼ ପୁରୁଣା ସହରର ରଥଯାତ୍ରା ଓ ବାହୁଡ଼ା ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହିତ ଶେଷ କରିବାକୁ ନେଇ ଜିଲାପାଳଙ୍କ ସଦ୍‌ଭାବନା କକ୍ଷରେ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଲଗ୍ନଜିତ୍ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏସ୍‌ପି ଅଲେଖ ଚନ୍ଦ୍ର ପହି, ଅତିରିକ୍ତ ଜିଲାପାଳ ବିଧାନଚନ୍ଦ୍ର ରାୟ, ନୟାଗଡ଼ ମ୍ୟୁନିସିପାଲିଟି ଚେୟାରମ୍ୟାନ ନିରୂପମା ଖଟେଇ, ନୟାଗଡ଼ ଡିଏସ୍‌ପି ସନ୍ତୋଷ ବାରିକ ପ୍ରମୁଖ ଯୋଗ ଦେଇଥିଲେ । ପ୍ରସ୍ତୁତି ବୈଠକରେ ରଥ ନିର୍ମାଣରେ କାଠର ଅଭାବକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା । ବନ ବିଭାଗ ରଥ ନିର୍ମାଣ ପାଇଁ କାଠ ଦେବାକୁ ମନା କରିବା ପରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରତିବର୍ଷ କାଠ ଯୋଗାଉ ଥିବା ବନ ବିଭାଗ କାଠ ନ ଦେବାରୁ ରଥଯାତ୍ରା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ଏପରି କି ରଥର ବଳକା କାଠ ଠିକ୍ ଭାବେ ନ ରଖି ନଷ୍ଟ କରାଯିବା ଓ କାଠ ଅଭାବକୁ ନେଇ କିଛି ସମୟ ଯୁକ୍ତିତର୍କ ଓ ପାଟିତୁଣ୍ଡ ହୋଇଥିଲା। କେତେଜଣ ଭକ୍ତ ରଥ ପାଇଁ କାଠ ଦେବାକୁ ପ୍ରସ୍ତାବ ଦେବା ପରେ ବିବାଦ ଥମି ଥିଲା । କେଉଁ ଭକ୍ତମାନେ କାଠ ଯୋଗାଇବେ ତାର ଏକ ତାଲିକା ପ୍ରସ୍ତୁତ କରି ତୁରନ୍ତ କାଠ ସଂଗ୍ରହ କରିବାକୁ ଦେବୋତ୍ତର ବିଭାଗକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷେ ରଥ କାଠ ସମସ୍ୟା ଏଡାଇବା ପାଇଁ ଦେବୋତ୍ତର ବିଭାଗ ଜମିରେ ଶାଳ, ଫାଶୀ, ନିମ୍ବ ଆଦି ଚାରା ଲଗାଯିବ । ଏହାର ରକ୍ଷଣାବେକ୍ଷଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

ସେହିପରି ଦେବୋତ୍ତର ବିଭାଗ ଅଧୀନରେ ଥିବା ମନ୍ଦିରରେ ବଜ୍ରପାତ ପ୍ରତିରୋଧକ ବ୍ୟବସ୍ଥା କରାଯିବାକୁ ନୟାଗଡ଼ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏଣୁ ଶରଣକୁଳ ଲଡୁବାବା ମନ୍ଦିର, ଓଡ଼ଗାଁର ରଘୁନାଥ ମନ୍ଦିର ପରି ୨୦ ମନ୍ଦିରରେ ଲାଇଟ୍ ଆରେଷ୍ଟର ଓ ଡବଲ ଆର୍ଥିଂ ବ୍ୟବସ୍ଥା ହେବ। ଏନେଇ ପ୍ରତ୍ନତତ୍ତ୍ୱ ବିଭାଗକୁ ଚିଠି ଲେଖିବାକୁ ଦେବୋତ୍ତର ମ୍ୟାନେଜରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବଜ୍ରପାତ ପ୍ରତିରୋଧକ ବ୍ୟବସ୍ଥା ୨୦ ମନ୍ଦିରରେ ନାହିଁ ଶୀର୍ଷକରେ ଏକ ରିପୋର୍ଟ ଧରିତ୍ରୀରେ ଜୁନ ୮ରେ ପ୍ରକାଶ ପାଇବା ପରେ ଉପଜିଲାପାଳ ଏପରି ନିର୍ଦ୍ଦେଶ ନେଇଛନ୍ତି ।

ଅପରପକ୍ଷେ ଦେବସ୍ନାନ ପୂର୍ଣ୍ଣିମା ଓ ଗଜାନନ ବେଶ ସଂକ୍ରାନ୍ତରେ ଏହି ବୈଠକରେ ଆଲୋଚନା ହୋଇଥିଲା। ଜୁଲାଇ ୧ରେ ହେବାକୁ ଥିବା ରଥଯାତ୍ରା ପୂର୍ବରୁ ରଥ ପ୍ରତିଷ୍ଠା ପୂର୍ବାହ୍ନ ୯ଟା, ପହଣ୍ଡି ବିଜେ ପୂର୍ବାହ୍ନ ସାଢ଼େ ୧୦ଟା, ଛେରାପହଁରା ସାଢ଼େ ୧ଟା, ରଥଟଣା ଅପରାହ୍ନ ୩ଟାରେ କରାଯିବ। ବଳଦେବ ଜୀଉଙ୍କ ତାଳଧ୍ୱଜ ରଥ ଗୁଣ୍ଡିଚା ମନ୍ଦିରଠାରେ, ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ହନୁମାନ ମନ୍ଦିର ଓ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ନବନାଲ ମଠ ନିକଟରେ ରଖାଯିବ ବୋଲି ନିଷ୍ପତ୍ତି ହୋଇଛି । ଜୁଲାଇ ୨ ଅପରାହ୍ନ ସାଢ଼େ ୩ଟାରେ ରଥଟଣା ହୋଇ ସୂର୍ଯ୍ୟାସ୍ତ ପୂର୍ବରୁ ଗୁଣ୍ଡିଚା ମନ୍ଦିରରେ ଲାଗିବ। ରାତ୍ର ୯ଟାରେ ତିନି ଠାକୁରଙ୍କୁ ପହଣ୍ଡି କରାଯାଇ ଗୁଣ୍ଡିଚା ମନ୍ଦିରକୁ ନିଆଯିବ। ଗୁଣ୍ଡିଚା ମନ୍ଦିରରେ ତିନି ଠାକୁର ୩ ତାରିଖରେ ରାଜରାଜେଶ୍ୱରୀ ବେଶ, ୪ରେ କାଞ୍ଚି ଅଭିଯାନ ବେଶ, ୫ରେ ହେରା ପଞ୍ଚମୀରେ ଲକ୍ଷ୍ମୀନାରାୟଣ ବେଶ, ୬ରେ ନୃସିଂହ ବେଶ, ୭ରେ ପର୍ଶୁରାମାଷ୍ଟମୀ ବେଶ, ୮ରେ ଗରୁଡ଼ ଗୋବିନ୍ଦ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ଜୁଲାଇ ୯ରେ ବାହୁଡ଼ା କରାଯାଇ ରଥଯାତ୍ରାର ସମୟ ନିର୍ଘଣ୍ଟରେ ରଥ ପ୍ରତିଷ୍ଠା, ପହଣ୍ଡି ବିଜେ, ଛେରାପହଁରା ଓ ରଥ ଟଣାଯିବ। ବଡ଼ ଏକାଦଶୀ ଯୋଗୁ ଜୁଲାଇ ୧୦ରେ ରଥଟଣା ବନ୍ଦ ରହିବ। ତେବେ ଠାକୁର ସୁନାବେଶରେ ଦର୍ଶନ ଦେବେ। ଜୁଲାଇ ୧୧ରେ ରଥ ଟଣା ଯାଇ ଜଗନ୍ନାଥ ମନ୍ଦିରରେ ଲାଗିବ। ଏଠାରେ ଲକ୍ଷ୍ମୀ ନାରାୟଣ ଭେଟ ପରେ ଠାକୁରଙ୍କୁ ନୀଳାଦ୍ରି ବିଜେ କରାଯିବ । ତେବେ ରଥ ଟଣା ପୂର୍ବରୁ ରଥ ଚାରିପଟେ କର୍ଡନ ବ୍ୟବସ୍ଥା କରାଯିବ। ରଥଟଣା ସମୟରେ ସୁଆଁଶିଆ, ସେବାୟତ, ମାଜିଷ୍ଟ୍ରେଟ ଓ ପୋଲିସଙ୍କ ବ୍ୟତୀତ ଅନ୍ୟ କେହି ରହି ପାରିବେନି। ରଥଟଣା ସମୟରେ ରଥ ସାରଥି (ଡାହୁକ) ଅଶ୍ଳୀଳ ଗୀତ ନ ଗାଇବାକୁ ପରାମର୍ଶ ଦିଆଯାଇଛି ।

### ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

**ଖଣ୍ଡପଡ଼ା,୮।୬ (ସ୍ୱ.ପ୍ର.)**

ଖଣ୍ଡପଡ଼ା ସହର କୁମ୍ଭାରସାହିର କହ୍ନେଇ ମୁଦୁଲି (୬୫)ଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେ ବୁଧବାର ସକାଳୁ କୁସୁମୀ ନଦୀ ପାର୍ଶ୍ୱ ଜମିକୁ ଧାନ ବୁଣିବାକୁ ଯାଇଥିଲେ । ବିଲରେ ଧାନବୁଣି ଦିନ ପ୍ରାୟ ୧୨ ଟା ସମୟରେ ଘରକୁ ଫେରୁଥିବା ବେଳେ ବାଟରେ ହଠାତ୍ ପଡିଯାଇଥିଲେ । ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ସେହି ରାସ୍ତାରେ ଯାଉଥିବା ଲୋକମାନେ ଏ ସଂକ୍ରାନ୍ତରେ କହ୍ନେଇଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ । ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ତାଙ୍କୁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ପ୍ରଚଣ୍ଡ ରୌଦ୍ରତାପ ପ୍ରଭାବରେ ତାଙ୍କର ମୃତ୍ୟୁ ହୋଇଛି ବୋଲି ଗ୍ରାମବାସୀ କହିଛନ୍ତି । ଏସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି ।

### ଶିକ୍ଷକଙ୍କ ପରଲୋକ

**ଖଣ୍ଡପଡ଼ା,୮।୬ (ସ୍ୱ.ପ୍ର.)**

ଖଣ୍ଡପଡ଼ା ସହର ୬ନଂ. ୱାର୍ଡର ଦାଣ୍ଡସାହିର ଅବସରପ୍ରାପ୍ତ ଶିକ୍ଷକ ବୈକୁଣ୍ଠ ନାଥ ପଟ୍ଟନାୟକଙ୍କ (୮୨) ପରଲୋକ ହୋଇଯାଇଛି । ବାର୍ଦ୍ଧକ୍ୟଜନିତ ରୋଗରେ ସେ ପୀଡ଼ିତ ଥିଲେ । ତାଙ୍କ ବିୟୋଗରେ ଖଣ୍ଡପଡ଼ା ଅଞ୍ଚଳରେ ଶୋକ ପ୍ରକାଶ ପାଇଛି । ଜଣେ ମିଷ୍ଟଭାଷି,ପରୋପକାରୀ ଓ ଆଦର୍ଶ ଶିକ୍ଷକ ଭାବେ ବିଭିନ୍ନ ମହଲରେ ସେ ଜଣାଶୁଣା ଥିଲେ । ପୁରୀ ସ୍ୱର୍ଗଦ୍ୱାର ଠାରେ ଶୋକାକୁଳ ପରିବେଶରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଏକମାତ୍ର ପୁଅ ଉମା ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ।

# ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୂଆ ଆଶା ବଢ଼ିଛି: ମୁଖ୍ୟମନ୍ତ୍ରୀ




୬୦ ରୂପାନ୍ତରିତ ହାଇସ୍କୁଲର ଲୋକାର୍ପଣ ଉତ୍ସବରେ ମଞ୍ଚାସୀନ ଅତିଥି ।

**ନୟାଗଡ଼ ଅଫିସ,୮।୬**

- ୬୦ ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ
- ସରକାରୀ ସ୍କୁଲ ଏବେ ବହୁ ଆଗରେ

ରାଜ୍ୟରେ ୨ୟ ପର୍ଯ୍ୟାୟ ୨୯୦୮ ହାଇସ୍କୁଲ ରୂପାନ୍ତରିତ ହୋଇଥିବାବେଳେ ନୟାଗଡ଼ ଜିଲାର ୬୦ ହାଇସ୍କୁଲର ରୂପାନ୍ତର କାର୍ଯ୍ୟକୁ ଭିଡିଓ କନଫେରନ୍ସ ମାଧମରେ ମୁଖ୍ୟମନ୍ତ୍ରୀ ବୁଧବାର ଲୋକାର୍ପିତ କରିଛନ୍ତି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ସଚିବ ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ। ବୁଧବାର ଅପରାହ୍ନ ୫ଟାରେ ଲାଠିପଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲାପାଳ ପୋମା ଟୁଡୁଙ୍କର ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୟାଗଡ଼ ବିଧାୟକ ଅରୁଣ ସାହୁ, ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ନୟାଗଡ଼ ଜିଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ଉପରୋକ୍ତ ସ୍କୁଲର ଲୋକର୍ପଣ କରିଛନ୍ତି । ଏଥିରେ ମୁଖ୍ୟମନ୍ତ୍ରୀ ନିଜ ଭାଷଣରେ ସ୍କୁଲ ରୂପାନ୍ତର କେବଳ ବିଦ୍ୟାଳୟର ଭୌତିକ ରୂପରେ ପରିବର୍ତ୍ତନ ଆଣିନି ଛାତ୍ରୀଛାତ୍ରଙ୍କ ମାନସିକସ୍ତରରେ ପରିବର୍ତ୍ତନ ଆଣିଛି ବୋଲି କହିଥିଲେ। ଏହା ଛାତ୍ରୀଛାତ୍ରଙ୍କ ନୂଆ ଆଶା, ଆକାଂକ୍ଷାକୁ ବଢ଼ାଇବା ସହ ବ୍ୟକ୍ତିତ୍ୱ ବିକାଶରେ ସହାୟକ ହୋଇ ପାରିଛି । ଯାହାକି ଓଡିଶାର ଭବିଷ୍ୟତ ପାଇଁ ଏକ ଶୁଭ ସଙ୍କେତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ନୟାଗଡ଼ରୁ ଛାତ୍ରୀ ପ୍ରତ୍ୟାଶା ସ୍କୁଲ ରୂପାନ୍ତର ସମ୍ପର୍କିତ ଅନୁଭତି ବର୍ଣ୍ଣନା କରି କହିଥିଲେ ସ୍କୁଲ ରୁପାନ୍ତରିତ ହେବା ପରେ ବହୁ ସୁବିଧା ସୁଯୋଗ ମିଳି ପାରିଛି । ୫୦ ପ୍ରତିଶତ ସରକାରୀ ସ୍କୁଲର ଛାତ୍ରୀଛାତ୍ରଙ୍କ ପାଇଁ ଡାକ୍ତରୀ ପାଠରେ ସଂରକ୍ଷଣ ମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତ ଯୋଗ୍ୟ ପଦକ୍ଷେପ । ଇଂଲିଶରେ ପ୍ରତ୍ୟାଶା ଏହି ମତବ୍ୟକ୍ତ କରିଥିବାରୁ ମୁଖ୍ୟମନ୍ତ୍ରୀ ତାଙ୍କୁ ପ୍ରଶଂସା କରିଥିଲେ । ଅନ୍ୟପକ୍ଷେ ନୟାଗଡ଼ ବିଧାୟକ ସାହୁ ଏହି କାର୍ଯ୍ୟକ୍ରମରେ ଯୋଡି ହୋଇ ମୁଖ୍ୟମନ୍ତ୍ରୀଙ୍କ ଦୁରଦର୍ଶୀ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ । ରାଜ୍ୟ ସରକାରଙ୍କ ମୋ ସ୍କୁଲ ଅଭିଯାନରେ ଆସିଥିବା ଅନୁଦାନରେ ସ୍ମାର୍ଟ କ୍ଲାସରୁମ୍, ଅତ୍ୟାଧୁନିକ ବିଜ୍ଞାନଗାର, ଇଲାଇବ୍ରେରୀ, ଖେଳପଡିଆ, ସୁଦୃଶ ତୋରଣ, ଶୌଚାଳୟ, ଆସବାବପତ୍ର, ପ୍ରାଚୀର ଆଦି ନିର୍ମାଣ କରାଯାଇଛି । ସ୍ମାଟ୍ କ୍ଲାସରୁମ୍‌ରେ ସାଇନ୍ସ ଲ୍ୟାବ୍, ସ୍ମୋର୍ଟ ରୁମର ବ୍ୟବସ୍ଥା ଅଛି । ସୂଚନାଯୋଗ୍ୟ, ଭାପୁର ବ୍ଲକରେ ୪, ଦଶପଲ୍ଲା ବ୍ଲକର ୫, ଗଣିଆ ବ୍ଲକର ୫, ଖଣ୍ଡପଡା ବ୍ଲକର ୮, ନୟାଗଡ ବ୍ଲକର ୧୦, ନୂଆଗାଁ ବ୍ଲକର ୯, ଓଡଗାଁ ବ୍ଲକର ୧୩, ରଣପୁର ବ୍ଲକର ୬ଟି ସ୍କୁଲ ଲୋକର୍ପିତ ହୋଇଛି ।

# ରାବଣ ବଧ ପରେ ରାମଚନ୍ଦ୍ରଙ୍କ ରାଜାଭିଷେକ

**ଖଣ୍ଡପଡ଼ା,୮।୬(ସ୍ୱ.ପ୍ର.)**

**କଣ୍ଟିଲୋ ରାମଲୀଳା ଉଦ୍‌ଯାପିତ**

କଣ୍ଟିଲୋ ମାଧବଚୌଧୁରୀ ପାଟଣା ଗ୍ରାମର ଶ୍ରୀ ରଘୁନାଥ ଜୀଉ ରାମଲୀଳା ନାଟ୍ୟ ସମିତି ପକ୍ଷରୁ ଚାଲିଥିବା ରାମଲୀଳା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଛି । ମା’ସୀତାଙ୍କୁ ଉଦ୍ଧାର କରିବା ଲକ୍ଷ୍ୟରେ ଶ୍ରୀରାମ, ଲକ୍ଷ୍ମଣ, ହନୁମାନ ବାନର ସେନା ସହ ଲଙ୍କାକୁ ଯୁଦ୍ଧଯାତ୍ରା କରିଥିଲେ । ରାବଣଙ୍କ ବଂଶଧରଙ୍କ ମୃତ୍ୟୁ ସହଜ ନୁହେଁ ବୋଲି ରାମ ଲକ୍ଷ୍ମଣ ଜାଣି ପାରିଥିଲେ । ତେଣୁ ରାବଣଙ୍କ ଭାଇ ଗୃହଭେଦୀ ବୀଭିଷଣଙ୍କ ନିକଟରୁ ମୃତ୍ୟୁର ଉପାୟ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ରାବଣ ବଂଶର ବହୁ ଅସୁରଙ୍କୁ ନିପାତ କରିଥିଲେ । ରାମଲୀଳା ନାଟକର ଉଦ୍‌ଯାପନୀ ରାତିରେ ଲକ୍ଷ୍ମଣଙ୍କ ଦ୍ୱାରା ବଧ ହୋଇଥିବା ଇନ୍ଦ୍ରଜିତ୍‌ଙ୍କ ମୃତ୍ୟୁ ସମ୍ପର୍କରେ ରାବଣଙ୍କଠାରୁ ଜାଣିବା ପରେ ଇନ୍ଦ୍ରଜିତଙ୍କ ପୁଅ ମହିରାବଣ ରାମ ଓ ଲକ୍ଷ୍ମଣଙ୍କୁ କଳେବଳେ କୌଶଳରେ ବଧ କରିବାକୁ ସଂକଳ୍ପ କରିଥିଲେ । ସୀତାଙ୍କ ଅଶ୍ରୁରୁ ତାରା,ତାରେଣୀ ଦେବୀ ସୃଷ୍ଟି ହୋଇ ରାମ,ଲକ୍ଷ୍ମଣଙ୍କୁ ସୁରକ୍ଷା ଦେଇଥିଲେ । ଦେବୀଙ୍କ ପାଖରେ ରାମ,ଲକ୍ଷ୍ମଣଙ୍କୁ ନରବଳି ଦେବାକୁ ଉଦ୍ୟତ ହେଉଥିବା ବେଳେ ମାୟାବୀ ମହିରାବଣଙ୍କୁ ଦୁଇଭାଇ ବଧ କରିଥିଲେ। ପରେ ରାବଣଙ୍କୁ ବଧ କରି ଅଶୋକ ବାଟିକାରୁ ସୀତାଙ୍କୁ ଉଦ୍ଧାର କରିଥିଲେ । ବିଭୀଷଣଙ୍କୁ ଲଙ୍କାରେ ରାଜା କରାଇ ସୀତା ଓ ଲକ୍ଷ୍ମଣଙ୍କ ସହ ରାମଚନ୍ଦ୍ର ଅଯୋଧ୍ୟାକୁ ଫେରି ଆସିଥିଲେ। ସେଠାରେ ରାମଙ୍କ ରାଜ୍ୟାଭିଷେକ ଅନୁଷ୍ଠିତ ହୋଇଥିଲା ।

ଉଦ୍‌ଯାପନୀ ରାତିରେ ମଞ୍ଚସ୍ଥ ନାଟକରେ ଶିଶୁ କଳାକାର ବିଶ୍ୱନାଥ, ପପୁନି ଓ ଓମ୍ ଯଥାକ୍ରମେ ରାମ, ଲକ୍ଷ୍ମଣ ଓ ସୀତା ଭୂମିକାରେ ଅଭିନୟ କରିଥିବା ବେଳେ ହନୁମାନ, ବିଭୀଷଣ, ରାବଣ ଓ ଇନ୍ଦ୍ରଜିତ ଭୂମିକାରେ ଯଥାକ୍ରମେ ଚିତ୍ତରଞ୍ଜନ ,ଶିଶିର,କଳାକାହ୍ନୁ ଓ ପବିତ୍ର ଅଭିନୟ କରିଥିଲେ । ପବିତ୍ର ମହାରଣା,ବାପୁଜୀ ମହାରଣା ଓ କାଳନ୍ଦି ଚରଣ ମହାରଣା ମଂଚ ଓ ନାଟ୍ୟ ପରିଚାଳନା କରିଥିଲେ । ସୂଚନା ଯୋଗ୍ୟ ଯେ,ଏବେ ଆଧୁନିକତା ନାଁରେ ଅପସଂସ୍କୃତି ବଢିଚାଲିଛି । ସବୁ କ୍ଷେତ୍ରରେ ପାଶ୍ଚାତ୍ୟ ସଭ୍ୟତା ତା’ର କାୟା ବିସ୍ତାର କରିଚାଲିଛି । ଆମେ ନିଜକୁ ତଥା ଆମ ସଂସ୍କୃତି ଓ ପରମ୍ପରାକୁ ଚିହ୍ନିବା ପରିବର୍ତ୍ତେ ଅନ୍ୟର ସଂସ୍କୃତି ଓ ପରମ୍ପରାକୁ ଆପଣେଇବା ଦ୍ୱାରା ଉତ୍କଳୀୟ ସ୍ୱାଭିମାନ ନଷ୍ଟ ହେବାକୁ ବସିଛି । ସମାଜ ଗଠନରେ ରାମଲୀଳାର ଭୂମିକା ଥିଲା ଗୁରୁତ୍ୱ ପୂର୍ଣ୍ଣ ବୋଲି କହିଥିଲେ ।

# ଡକାୟତି ଉଦ୍ୟମ ବିଫଳ: ଜେଲ ଗଲେ ୨ ଡକାୟତ



ଗିରଫ ହୋଇଥିବା ୨ ଅଭିଯୁକ୍ତ ।

**ନୟାଗଡ଼ ଅଫିସ,୮।୬**

ନୟାଗଡ଼ ଟାଉନ ଥାନା ପୋଲିସ ମଙ୍ଗଳବାର ରାତିରେ ଘଡୁଆଳ ଅଞ୍ଚଳ ଉପରେ ଚଢ଼ାଉ କରି ନୟାଗଡ଼ ସହରରୁ ଡକାୟତି ହେବା ପାଇଁ କରାଯାଉଥିବା ଉଦ୍ୟମକୁ ବିଫଳ କରିଛି । ଅନ୍ୟପକ୍ଷେ ଗୋଟିଏ ଲେଖାଏ ଖଣ୍ଡା, ଭୁଜାଲି, ଛେଣି, ହାମରା, ଭୁଜାଲି ସହ ଓଆର୦୨ବିଏମ ୨୪୫ନଂ ବିଶିଷ୍ଟ ବୋଲେରୋ ଜବତ କରାଯାଇଛି । ଏ ସଂକ୍ରାନ୍ତରେ ଏକ ମାମଲା(ନଂ. ୮୭/୨୨) ରୁଜୁ କରି ତଦନ୍ତ କରୁଛି । ଅନ୍ୟପକ୍ଷେ ଡକାୟତି ଉଦ୍ୟମ ଅଭିଯୋଗରେ ଗିରଫ ହୋଇଥିବା ୨ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ଝୁମୁରି କଳାହାଣ୍ଡିର ଟୁକୁନା ପ୍ରଧାନ(୩୦) ଓ ଏମଆଇ କଲୋନୀର ବସନ୍ତ ଦଳେଇ(୫୨)ଙ୍କୁ ନୟାଗଡ ସବ୍‌ଜେଲକୁ ପଠାଇ ଦିଆଯାଇଛି । ଟୁକୁନା ଓ ବସନ୍ତ ଉଭୟେ କିଛି କବାଟ ବନ୍ଦ ଥିବା ଘରର ସୂଚନା ସଂଗ୍ରହ କରିଥିଲେ । ବନ୍ଦ ଥିବା ଘରୁ ଡକାୟତି କରିବାକୁ ପ୍ରସ୍ତୁତି ହେଉଥିଲେ ବୋଲି ଆଇଆଇସି ପ୍ରଜ୍ଞା ପରମିତା ଜେନା ସୂଚନା ଦେଇଛନ୍ତି ।

# ଗଣଧାରଣାକୁ ୨ମାସ, ମିଳୁନି ନ୍ୟାୟ

**ନୟାଗଡ଼ ଅଫିସ,୮।୬**




ଧାରଣାରେ ବସିଥିବା ଗ୍ରାମବାସୀ ।

- ଜଙ୍ଗଲ ଜମି ଆଳ ଦେଖାଇ କ୍ଷତିପୂରଣ ଦେଉନି ରେଳ ବିଭାଗ
- ବୁଗୁଡା କଲୋନୀବାସୀଙ୍କ ଦାବିକୁ ସମର୍ଥନ କଲା ସିପିଏମ୍
- କ୍ଷତିପୂରଣ ଦେଇ ରେଳପଥ କାର୍ଯ୍ୟ ଆଗେଇ ନେବାକୁ ପରାମର୍ଶ

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥରେ ଦଶପଲ୍ଲା ବ୍ଲକ ଟାକେରା ଷ୍ଟେଶନ ପାଇଁ ବୁଗୁଡା କଲୋନୀରେ ବସବାସ କରୁଥିବା ଆଦିବାସୀମାନଙ୍କ ସମସ୍ତ ଚାଷ ଜମି ଅଧିଗ୍ରହଣ ହେଉଛି । ତେବେ ଜଙ୍ଗଲ ଜମିର ଆଳ ଦେଖାଇ ରେଳ ବିଭାଗ ବିନା କ୍ଷତିପୂରଣରେ ଆଦିବାସୀଙ୍କ ଜମି ନେବାକୁ ଉଦ୍ୟମ କରୁଥିବାରୁ ଏହାର ପ୍ରତିବାଦରେ ଆଦିବାସୀମାନେ ୨ମାସ ହେଲା ଗଣଧାରଣା ଦେଇଛନ୍ତି । ଆଦିବାସୀଙ୍କ ଆନ୍ଦୋଳନ ୬୦ ଦିନରେ ପହଞ୍ଚି ଥିବାବେଳେ ନ୍ୟାୟ ମିଳୁ ନ ଥିବାରୁ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି । ଏଭଳି ସ୍ଥଳେ ସିପିଏମ୍ ପକ୍ଷରୁ ଆଦିବାସୀଙ୍କ ଆନ୍ଦୋଳନକୁ ସମର୍ଥନ କରାଯାଇଛି । ସିପିଏମ୍ ନେତା ବିଶ୍ୱନାଥ ମହାପାତ୍ର ଓ ଶରତ ଚନ୍ଦ୍ର ବେହେରାଙ୍କ ସୂଚନା ଅନୁସାରେ ସରକାର ଆଦିବାସୀଙ୍କୁ ତୁରନ୍ତ କ୍ଷତିପୂରଣ ବାବଦ ଅର୍ଥ ଦେଇ ଜମି ଅଧିଗ୍ରହଣ କରନ୍ତୁ । ଆଦିବାସୀମାନେ ଅଥବା ସିପିଏମ୍ ପକ୍ଷରୁ ରେଳପଥକୁ ବିରୋଧ କରାଯାଉନି । ବରଂ ରେଳପଥ ତିଆରି ହେଉ , ଆମେ ତାକୁ ସ୍ୱାଗତ କରୁଛୁ । ତେବେ ରେଳପଥ କର୍ତ୍ତୃପକ୍ଷ ବିନା କ୍ଷତିପୂରଣରେ ଜମି ଅଧିଗହଣ କରିବାକୁ ଲାଗି ପଡିଛନ୍ତି । ଦଶପଲ୍ଲା ଅଞ୍ଚଳର ଆଦିବାସୀମାନେ ଏଠାରେ ମନକୁ ମନ ରହି ନାହାନ୍ତି । ୧୯୫୫ରେ ତତ୍କାଳୀନ ସରକାର ଭୂମିହୀନ ଆଦିବାସୀଙ୍କୁ ବିଭିନ୍ନ ଗ୍ରାମରୁ ଆଣି ବୁଗୁଡୁ କଲୋନୀ ତିଆରି କରି ଥଇଥାନ କରିଥିଲେ । ସେମାନଙ୍କ ଚଳିବା ପାଇଁ ଚାଷ ଜମି ଯୋଗାଇ ଥିଲେ । ଜଙ୍ଗଲ ଜମି ଅଧିକାର ଆଇନ ବଳରେ ଆଦିବାସୀଙ୍କୁ ପଟ୍ଟା ପ୍ରଦାନ କରାଯାଇଛି । ଏଣୁ ଆଦିବାସୀଙ୍କୁ ହଇରାଣ ହରକତ ନ କରି ସେମାନଙ୍କୁ କ୍ଷତିପୂରଣ ଯୋଗାଇବାର ବ୍ୟବସ୍ଥା କରାଯାଉ । ଏଥିସହିତ ଖୋର୍ଦ୍ଧ- ବଲାଙ୍ଗୀର ରେଳପଥର କାର୍ଯ୍ୟକୁ ଶୀଘ୍ର ଶେଷ କରିବାକୁ ସେମାନେ ଦାବି କରିଛନ୍ତି ।

